୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରକାରତ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.98 Bhubaneswar Sunday May 25 2025 ୨୭ତମ ବର୍ଷ ସଂଖ୍ୟା–୯୮ ଭୁବନେଶ୍ୱର, ରବିବାର, ମଇ ୨୫, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ଭବ୍ୟ ହେବ ବିଜେପି ସରକାରଙ୍କ ବର୍ଷପୂର୍ତ୍ତି: ଡାର୍କ ହର୍ସରୁ ଲୋକଙ୍କ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୫(ପି.ଏନ): ୨୪ବର୍ଷର ବିଜେଡି ସରକାରକୁ ଅପ୍ରତ୍ୟାଶିତ ଝଟକା ଦେଇ ରାଜ୍ୟରେ ନିଜ ଦମରେ ସରକାର ଗ?ିଥିବା ବିଜେପି ନିଜର ପ୍ରଥମ ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଛି । ସାଧାରଣ ନିର୍ବାଚନରେ ବିଜେପିର ସଫଳତା ପରେ ରାଜ୍ୟ ବିଜେପିର ପ୍ରମୁଖ ଚେହେରାମାନଙ୍କୁ ପଛରେ ପକାଇ ‘ଡାର୍କ ହର୍ସ ’ପାଲଟିଥିଲେ ମୋହନ ଚରଣ ମାଝୀ । ୨୦୨୪ ଜୁନ୍ ୧୨ରେ ମୋହନଙ୍କ ନେତୃତ୍ୱରେ ୧୬ଜଣିଆ ରାଜ୍ୟ ମନ୍ତ୍ରିମଣ୍ଡଳ ଶପଥ ନେଲେ ଯେଉଁଥିରେ କେବଳ ଜଣେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ବାଦ୍ ଦେଲେ ସରକାର ପରିଚାଳନାରେ କାହାରି ଅଭିଜ୍ଞତା ମଧ୍ୟ ନଥିଲା । ଏପରିକି ଏମାନଙ୍କ ମଧ୍ୟରୁ ୯ଜଣ ପ୍ରଥମଥର ପାଇଁ ବିଧାନସଭାକୁ ମଧ୍ୟ ଆସିଥିଲେ । ଏଭଳି ଏକ ଅନଭିଜ୍ଞ ସହଯୋଗୀଙ୍କ ଟିମ୍ ଏବଂ ବିଜେଡିର ୨୪ବର୍ଷର ଶାସନରେ ପ୍ରମୁଖ ଭୂମିକା ତୁଲାଇ ଆସିଥିବା ପ୍ରଶାସନିକ ଅଫିସରମାନଙ୍କୁ ଧରି ଦଳୀୟ ନିର୍ବାଚନୀ ପ୍ରତିଶ୍ରୁତିକୁ ପୂରଣ କରିବା ଏବଂ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହେବାର ଚ୍ୟାଲେଞ୍ଜ ମୋହନଙ୍କ ପାଇଁ ରହିଥିଲା । ମାତ୍ର ବର୍ଷକ ମଧ୍ୟରେ ବିଜେପି ସରକାର ନିଜର ପ୍ରମୁଖ ୧୧ଟି ପ୍ରତିଶ୍ରୁତିକୁ ଆଂଶିକ ବା ପୂର୍ଣ୍ଣ ପାଳନ କରିଥିବାବେଳେ ‘ଡାର୍କ ହର୍ସ’ରୁ ‘ଲୋକଙ୍କ ମୁଖ୍ୟମନ୍ତ୍ରୀ’ ପାଲଟି ଯାଇଛନ୍ତି ମୋହନ ମାଝୀ । ସରକାରଙ୍କ ବର୍ଷପୂର୍ତ୍ତି ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ଜୁନ୍ ୧୧ରୁ ୧୩ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଜନତା ମଇଦାନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ହେବା ସହ ପ୍ରତ୍ୟେକ ଜିଲ୍ଲାରେ ମଧ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡିଛି ।

ବର୍ଷପୂର୍ତ୍ତି ପାଇଁ ଭବ୍ୟ ପ୍ରସ୍ତୁତି

ସରକାରଙ୍କ ଏକବର୍ଷର ପୂର୍ତ୍ତି ଅବସରରେ ନୂଆ ଯୋଜନା ଓ ସଫଳତାର ଏକ ପୁସ୍ତିକା ଓ ପକେଟ୍ ବୁକ୍ ମଧ୍ୟ ପ୍ରକାଶିତ ହେବ । ଆୟୁଷ୍ମାନ ଭାରତ, ସୁଭଦ୍ରା ଆଦି ଯୋଜନା ଉପରେ ଜିଲ୍ଲାସ୍ତରୀୟ ଥିମ୍ ଆଧାରିତ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ମେଳା ଓ ତିନି ଦିନିଆ ପ୍ରଦର୍ଶନୀ ରଜ ପର୍ବ ସହିତ ପାଳନ କରାଯିବ ଏବଂ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ । ବିଜେପି ସରକାର କ୍ଷମତାକୁ ଆସିବା ପରେ ଆରମ୍ଭ ହୋଇଥିବା ୩୬୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଚିହ୍ନଟ କରି ତା’ର ତାଲିକା ପ୍ରସ୍ତୁତ କରାଯିବ । ଏହାସହିତ ବଜେଟରେ ଘୋଷଣା ହୋଇଥିବା କାର୍ଯ୍ୟକ୍ରମ ଓ ପ୍ରକଳ୍ପଗୁଡିକୁ ମଧ୍ୟ ଜୁନ୍ ୧୨ତାରିଖ ପୂର୍ବରୁ ଉଦଘାଟନ,ଶିଳାନ୍ୟାସ ନିମନ୍ତେ ପଦକ୍ଷେପ ଓ ଆବଶ୍ୟକ ପଡିଲେ କ୍ୟାବିନେଟ୍ ଅନୁମୋଦନ ମଧ୍ୟ ଗ୍ରହଣ କରାଯିବ । ପ୍ରତ୍ୟେକ ବ୍ଲକରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ମିଶନ ଶକ୍ତି ବଜାର, ଶିଶୁ ପାର୍କ ସହିତ ବ୍ଲକସ୍ତରୀୟ କଲ୍ୟାଣ ମଣ୍ଡପ ପାଇଁ ଡିପିଆରକୁ ଚୂଡାନ୍ତ ଅନୁମୋଦନ ମିଳିବ । ଚଳିତମାସ ଶେଷ ସୁଦ୍ଧା ୧୨ଟି ନୂଆ ସରକାରୀ ନୀତିକୁ ଚୂଡାନ୍ତ କରି ରାଜ୍ୟ କ୍ୟାବିନେଟର ମଞ୍ଜୁରୀ ନିଆଯିବାକୁ ମଧ୍ୟ ସ୍ଥିର ହୋଇଛି । ସ୍ୱାଧୀନତା ସଂଗ୍ରାମୀ ମ୍ୟୁଜିୟମ, ଏକାମ୍ର ହାଟକୁ ପିପିପି ମୋଡରେ ଦିଲ୍ଲୀ ହାଟସ୍ତରୀୟ କରିବା, ନ୍ୟାସନାଲ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ସ୍ଥାପନ ଆଦିକୁ ମଧ୍ୟ ଚୂଡାନ୍ତ ରୂପ ଦିଆଯିବ । ଏହାସହିତ ‘ଉତ୍ତମ ଶାସନ ଓ ବିକଶିତ ଓଡିଶା’ ଥିମ୍ ଆଧାରରେ ଲୋକସେବା ଭବନରେ ସେମିନାର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି । ୩ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମଗୁଡିକରେ କେନ୍ଦ୍ରମନ୍ତ୍ରୀମାନେ ଯୋଗ ଦେବେ ବୋଲି ଜଣାପଡିଛି ।

ଡାର୍କ ହର୍ସରୁ ଲୋକଙ୍କ ମୁଖ୍ୟମନ୍ତ୍ରୀ

୨୦୧୪ରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାଜ୍ୟରେ ବିଜେପିର ଚେହେରା ପାଲଟିଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ କିଛି ନେତାଙ୍କୁ ପଛରେ ପକାଇ ‘ଡାର୍କ ହର୍ସ’ ପାଲଟିଥିଲେ ମୋହନ ଚରଣ ମାଝୀ । ଏକ ସାଧାରଣ ସାନ୍ତାଳୀ ଆଦିବାସୀ ପରିବାରରୁ ଆସି ସରପଂଚରୁ ନିଜର ରାଜନୀତିକ କ୍ୟାରିୟର ଆରମ୍ଭ କରିଥିବା ୪ଥର ବିଧାୟକ ମୋହନଙ୍କୁ ରାଜ୍ୟରେ ବିଜେପି ସରକାରର ପ୍ରଥମ ମୁଖ୍ୟମନ୍ତ୍ରୀ କରାଯିବା ସମସ୍ତଙ୍କୁ ପାଇଁ ସରପ୍ରାଇଜ୍ ଥିଲା । ବିଧାନସଭାରେ ସରକାରୀ ଦଳର ଉପମୁଖ୍ୟ ସଚେତକ ଓ ପରେ ବିରୋଧୀ ଦଳର ମୁଖ୍ୟ ସଚେତକ ଭଳି ଦୁଇ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । କୌଣସି ଲବି ଓ ଗଡଫାଦର ନଥିବା ତଥା ସରକାର ପରିଚାଳନାର ପୂର୍ବ ଅଭିଜ୍ଞତା ନଥାଇ ମଧ୍ୟ ମୋହନ କିଭଳି ସରକାର ଚଳାଇବେ ତାକୁ ନେଇ ସମସ୍ତଙ୍କ ମଧ୍ୟରେ ଆଶଙ୍କା ଥିଲା । ମାତ୍ର ଏହି ସା?? ୧୧ମାସ ମଧ୍ୟରେ ମୋହନ ନିଜର ଦକ୍ଷତା ପ୍ରତିପାଦନ କରି ନିଜକୁ ‘ଲୋକଙ୍କ ମୁଖ୍ୟମନ୍ତ୍ରୀ’ ଭାବେ ଉପସ୍ଥାପନ କରିବାରେ ସକ୍ଷମ ହୋଇଛନ୍ତି ।

ପ୍ରାୟ ୨୫ବର୍ଷ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରାତି ୧୨ଟା ପର୍ଯ୍ୟନ୍ତ ଖୋଲା ରହୁଛି । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପରେ ମୋହନ ମୁଖ୍ୟମନ୍ତ୍ରୀ ଭାବେ ନିଜ ଅଫିସରେ ରାତି ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି । ରାଜ୍ୟ ସଚିବାଳୟରେ ଦୀର୍ଘ ସମୟ କାର୍ଯ୍ୟ ଓ ପ୍ରକଳ୍ପଗୁଡିକର ନିୟମିତ ସମୀକ୍ଷା ପ୍ରଶାସନିକ ଦକ୍ଷତାକୁ ବୃଦ୍ଧି କରିଛି । ତାଙ୍କ ପାଖରେ ସାଧାରଣ ଲୋକଙ୍କ ପହଂଚିବାରେ ସେଭଳି କଟକଣା ବି ନାହିଁ । ୨୦୨୪ ଜୁଲାଇ ୧ରୁ ନିଜେ ଜନଶୁଣାଣି କରି ଲୋକଙ୍କ ଅଭିଯୋଗର ସମାଧାନ କରୁଛନ୍ତି । ପ୍ରାୟ ୧୧ଟି ପାଳିରେ ୮୫% ଅଭିଯୋଗର ସମାଧାନ ମଧ୍ୟ ହୋଇପାରିଛି । ନିଜର ୯ଜଣ ମନ୍ତ୍ରୀ ଓ ୧୨ଜଣ ସଚିବ ପାହ୍ୟାର ଅଫିସରଙ୍କୁ ଧରି ସମ୍ବଲପୁରରେ ଜନଶୁଣାଣି କରି ବାହାବା ସାଉଁଟିଛନ୍ତି ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୋହନଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ କେବଳ କନକବର୍ଦ୍ଧନ ସିଂହଦେଓଙ୍କୁ ବାଦ୍ ଦେଲେ ଅନ୍ୟ କେହି ପୂର୍ବରୁ ମନ୍ତ୍ରୀ ହୋଇନଥିଲେ । ଏପରିକି ୯ଜଣ ମନ୍ତ୍ରୀ ପ୍ରଥମଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ଅନ୍ୟ ୧୫ଜଣ ମନ୍ତ୍ରୀଙ୍କୁ ଧରି ମୋହନ ରାଜ୍ୟର ଶାସନ ଚଳାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାର ବିରୁଦ୍ଧରେ କୌଣସି ଦୁର୍ନୀତି ଅଭିଯୋଗ ଆସିନାହିଁ । ସୁନ୍ଦରଗଡରେ ଖଣି ଚୋରିର ତଦନ୍ତ ପାଇଁ ଭିଜିଲାନ୍ସ ଏସଆଇଟି ଗଠନ କରି ମୋହନ ଦୁର୍ନୀତି ବିରୁଦ୍ଧରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ।

ଶ୍ରୀମନ୍ଦିରର ରତ୍ନଭଣ୍ଡାରକୁ ୪୦ ବର୍ଷ ପରେ ଖୋଲି ମରାମତି କରାଯିବା ସହ ପୁଣିଥରେ ପୁରୀର ପ୍ରମୁଖ ମଠଗୁଡିକର ଉନ୍ନୀତିକରଣ ସହ ପୁରୀ ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ସୁଦୃ? ପାଇଁ ନିଷ୍ପତ୍ତି ମଧ୍ୟ ମୋହନଙ୍କ ଦୃଢ ନେତୃତ୍ୱ ଓ ଦକ୍ଷତାକୁ ପ୍ରତିପାଦନ କରିଛି ।

“ଆଦିବାସୀ ସମୁଦାୟରୁ ଆସିଛି ଓ ତାଙ୍କ ସରଳତାକୁ କେହି ଦୁର୍ବଳତା ନଭାବୁ ବୋଲି ବିଡିଓମାନଙ୍କ ବୈଠକରେ କହି ମୋହନ ପରୋକ୍ଷରେ ନିଜର ମନ୍ତ୍ରିମଣ୍ଡଳ ସହଯୋଗୀ ଓ ସଚିବସ୍ତରୀୟ ଅଫିସରମାନଙ୍କୁ ତାଗିଦ୍ କରିଥିବା ଚର୍ଚ୍ଚା ହେଉଛି ।

ଡବଲ ଇଞ୍ଜିନ ସରକାରରେ ଡବଲ ଫାଇଦା

ରାଜ୍ୟରେ ଡବଲ ଇଞ୍ଜିନ ସରକାର ଯୋଗୁଁ ଓଡିଶାରେ ପ୍ରଥମଥର ପାଇଁ ସର୍ବଭାରତୀୟ ପୁଲିସ ଡିଜି ସମ୍ମିଳନୀ,ଜାତୀୟ ନୌସେନା ଦିବସ ଏବଂ ପ୍ରବାସୀ ଭାରତୀୟ ଦିବସ ଭଳି ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମଗୁଡିକ ସଫଳତାର ସହ ଆୟୋଜିତ ହୋଇଛି ଯାହା ରାଜ୍ୟର ମର୍ଯ୍ୟାଦାକୁ ବୃଦ୍ଧି କରିଛି । ସେହିପରି ପୁରୀରେ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣକୁ ସବୁଜ ସଙ୍କ ?ତ ଦେବା ସହ ପାରାଦୀପରେ ମଧ୍ୟ ଏକ ଗ୍ରୀନ୍ ବିମାନ ବନ୍ଦର ନିର୍ମାଣ କରାଯିବ ବୋଲି ବିଜେପି ସରକାର ଘୋଷଣା କରିସାରିଛନ୍ତି । ଏସବୁ ବ୍ୟତୀତ ଓଡିଶାରେ ନ୍ୟାସନାଲ ଇନଭେଷ୍ଟିଗେସନ୍ ଏଜେନ୍ସୀର ଥାନା ଓ ୨୦ରୁ ଅଧିକ ନୂଆ ସାଇବର ଥାନା ଖୋଲିବା ନିଷ୍ପତ୍ତି ନିଆଯାଇଛି । ଏସବୁ ବ୍ୟତୀତ ରାଜ୍ୟରେ ୟୁନିଫାଏଡ୍ ପେନସନ ସ୍କିମ କାର୍ଯ୍ୟକାରୀ ସହ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ, ପ୍ରଧାନମନ୍ତ୍ରୀ ମାତୃବନ୍ଦନା କାର୍ଯ୍ୟକ୍ରମରେ ପ୍ରସୂତୀ ମହିଳାଙ୍କୁ ଅଧିକ ସହାୟତା ମଧ୍ୟ ସମ୍ଭବପର ହୋଇପାରିଛି ।

ନୀତି ଆୟୋଗ ବୈଠକରେ ଓଡ଼ିଶା ମାଗୁ ହକ୍, ମୁଖ୍ୟମନ୍ତ୍ରୀ ଓଡ଼ିଶାର ସ୍ୱର ଶାଣିତ କରିବାକୁ ବିଜେଡିର ଦାବି

ଭୁବନେଶ୍ୱର,୨୪।୫(ପି.ଏନ): କେନ୍ଦ୍ରରେ ରାଜ୍ୟର ଦାବି ବାରମ୍ବାର ଅବହେଳିତ। ୨୦୧୪ରୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ନେଇ ଓଡିଶା ଦାବି କରି ଆସୁଥିଲେ ବି ଏହାକୁ ଗ୍ରହଣ କରୁନାହିଁ କେନ୍ଦ୍ର । ଓଡିଶାକୁ ଫୋକସ ଷ୍ଟେଟର ମାନ୍ୟତା ଦେବା ସହ ଦିଆଯାଉ ସ୍ୱତନ୍ତ୍ର ପ୍ୟାକେଜ । ଉପାନ୍ତ ଅଂଚଳରେ ମୋବାଇଲ ଟାୱାର ବ୍ୟବସ୍ଥା ସୁଦୃଢ଼ କରିବା ସହ ଗ୍ରାମାଞ୍ଚଳରେ ଅଧିକ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦିଆଯାଉ । ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଓଡିଶାର ହକ ଉପରେ ସଠିକ୍ ଦାବି ଉପସ୍ଥାପନ କରି କେନ୍ଦ୍ର ଉପରେ ଚାପ ପକାନ୍ତୁ । ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେବା ପରେ ବି ଆନ୍ଧ୍ର ଓ ବିହାର ପରି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ୟାକେଜ ମିଳୁନାହିଁ । ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି- ପୂର୍ବତନ ମୁଖ୍ୟମନ୍ତ୍ରୀ ସବୁବେଳେ ନୀତି ଆୟୋଗ ବୈଠକରେ ଓଡ଼ିଶାର ହକ ପାଇଁ ଲଢେଇ କରିଥିଲେ । ପୂର୍ବ ସରକାର ଉପାନ୍ତ ଅଂଚଳରେ ମୋବାଇଲ ଟାୱାର ବସାଇ ସେବାକୁ ତ୍ୱରାନ୍ୱିତ କରିବା, ବ୍ୟାଙ୍କିଙ୍ଗ ସେବା ଓ କୋଇଲା ରୟାଲଟି ବୃଦ୍ଧି କରିବାକୁ ଯେଉଁ ଦାବି କରି ଆସୁଥିଲା ତାହାକୁ ଗୁରୁତ୍ୱ ଦେବାକୁ ସେ ଦାବି କରିଛନ୍ତି । ରାଜ୍ୟ ସ୍ୱାର୍ଥ ପାଇଁ ବିଜେଡ଼ି ଲଢେଇ କରୁଛି ଓ କରିବ ବୋଲି ସେ କହିଛନ୍ତି ।ଓଡ଼ିଶାରେ ଡବଲ ଇଂଜିନ ସରକାର ହେବା ଦିନଠୁ ଓଡ଼ିଶା ଅଧିକ ଅବହେଳିତ ହୋଇଛି । ଡବଲ ଇଞ୍ଜିନ ସରକାର ଯୋଗୁଁ କେନ୍ଦ୍ରୀୟ ଅନୁଦାନ କମିବା ସହ ବିଭିନ୍ନ କ୍ଷେତ୍ରରେ ଓଡିଶା ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉ ନାହିଁ । ତେଣୁ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଓଡିଶା ପାଇଁ ହକ ମାଗନ୍ତୁ ବୋଲି କଂଗ୍ରେସ କହିଛି । ସେପଟେ ବିଜେପି ସରକାର ସବୁବେଳେ ରାଜ୍ୟ ସ୍ୱାର୍ଥ ପାଇଁ କାମ କରୁଛି ବୋଲି କହିଛନ୍ତି ମନ୍ତ୍ରୀ। ଡବଲ ଇଞ୍ଜିନ ସରକାରରେ ଓଡିଶାକୁ ହକ ମିଳୁଛି ନାଁ ପୁଣି ଅବହେଳା କରାଯାଉଛି ତାକୁ ନେଇ ଆରମ୍ଭ ହୋଇଛି ବୟାନବାଜି ।

ସୁନ୍ଦରଗଡ଼ ଖଣି ଚୋରିକୁ ନେଇ ସରକାରଙ୍କୁ ଘେରିଲେଣି ବିରୋଧୀ

ସୁନ୍ଦରଗଡ,୨୪।୫(ପି.ଏନ): ସୁନ୍ଦରଗଡ଼ରେ ଖଣି ଚୋରି ହେଲା । ସରକାରଙ୍କ ଦୁଇ ଦୁଇ ଜଣ ମନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ଖଣି ଚୋରି ହୋଇଥିବା ନେଇ ଅନୁଭବ କଲେ । ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର । ଅଥଚ ସିବିଆଇ ତଦନ୍ତକୁ ଏଡ଼ାଇ ଭିଜିଲାନ୍ସ ତଦନ୍ତ କରିବା ନେଇ ନିର୍ଦ୍ଦେଶ ଦେଲେ । ଯାହାକୁ ନେଇ ଉଠିଛି ପ୍ରଶ୍ନ । ଏପରି କରି ଖଣି ମାଫିଆ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ସରକାର ଉଦ୍ୟମ କରୁଛନ୍ତି କି ? ପୂର୍ବ ସରକାର ସମୟରେ ଖଣି ଦୁର୍ନୀତି ନେଇ ବିଜେପି ବିଧାନସଭା ଭିତରେ ଓ ବାହାରେ ସିବିଆଇ ତଦନ୍ତ ଦାବି କରୁଥିଲା । ଏବେ କ୍ଷମତାରେ ଥାଇ କାହିଁକି ସିବିଆଇ ତଦନ୍ତକୁ ପଛାଉଛନ୍ତି ରାଜ୍ୟ ସରକାର ? ସୁନ୍ଦରଗଡ଼ ଜିଲ୍ଲାରେ ଏକ ହଜାର କୋଟିରୁ ଅଧିକ ମୂଲ୍ୟର ଖଣି ଚୋରି ହୋଇଛି । ଖଣି ଚୋରିକୁ ଲୁଚାଇବା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପାଇଁ ଗୋଟିଏ ପରେ ଗୋଟିଏ ତଦନ୍ତ ଆଳ ଦେଖାଇ ଚାଲିଛନ୍ତି ରାଜ୍ୟ ସରକାର । ଖୋଲାଖୋଲି ଅଭିଯୋଗ କରିଛନ୍ତି ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂ ଏବଂ କଂଗ୍ରେସ ନେତା ନିର୍ମଳ ନାୟକ । ଖଣି ଦୁର୍ନୀତିର ତଦନ୍ତ ଭିଜିଲାନ୍ସ ବଦଳରେ ସିବିଆଇ ଦ୍ୱାରା କରିବାକୁ ଦାବି ହୋଇଛି। ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ତହସିଲ ଅଞ୍ଚଳର ରତନସରା, ତେଲନଡିହି ଓ ଭୋଗରାକଚ୍ଚା ଅଞ୍ଚଳରେ ୫୦ରୁ ଅଧିକ କୋଇଲା ଖଣିରୁ ବେଆଇନ ଭାବେ ଚୋରାରେ କୋଇଲା ଉତ୍ତୋଳନ ହୋଇଥିବା ଅଭିଯୋଗ ହେଉଛି । ସେହିପରି ଜିଲ୍ଲାର କୋଇଡା ତହସିଲ ଅଞ୍ଚଳରେ ୫୦ ରୁ ଅଧିକ ବେଆଇନ ଖଣିରୁ ଲୁହା ପଥର ଓ ମାଙ୍ଗାନିଜ ବେଆଇନ ଭାବେ ଉତ୍ତୋଳନ କରାଯାଇଥିବା ଅଭିଯୋଗ ହେଉଛି । ଖଣି ଚୋରିର ତଦନ୍ତ ଭିଜିଲାନ୍ସ ବଦଳରେ ସିବିଆଇ ଦ୍ୱାରା କରିବା ପାଇଁ ବିଜେଡି ଓ ସିଟୁ ଶ୍ରମିକ ସଂଗଠନ ମଧ୍ୟ ଦାବି କରିଛନ୍ତି । ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ସୁନ୍ଦରଗଡ଼ ଜିଲ୍ଲାରେ ଗତ କିଛି ମାସ ମଧ୍ୟରେ ହଜାର କୋଟିରୁ କୋଟିରୁ ଅଧିକ ମୂଲ୍ୟର ଖଣି ଚୋରି ହୋଇଚାଲିଛି ।

ବରୀ ଅଞ୍ଚଳରେ ବାଉଁଶ କାରିଗରଙ୍କ ବେଉସା ବୁଡ଼େଇ ଦେଲାଣି ପ୍ଲାଷ୍ଟିକ ସାମଗ୍ରୀ

ବରୀ,୨୪।୫(ପି.ଏନ): ବୁଡ଼ିଲାଣି କୌଳିକ ବୃତ୍ତି । ପେଟ ପୋଷିବାକୁ ଏବେ ଦାଦନ ଭରସା । ଯାଜପୁର ବରୀ ଅଞ୍ଚଳରେ ବାଉଁଶ କାରିଗରଙ୍କ ଏପରି ଦଶା । ଦିନ ଥିଲା ବାଉଁଶ ପାତିଆକୁ ଛନ୍ଦି କୁଲା, ପାଛିଆ, ଚାଙ୍ଗୁଡ଼ି, ବିଅଣା, ଝୁଡ଼ି, ଡାଲା ଆଦି ତିଆରି କରି ଗୁଜରାଣ ମେଣ୍ଟାଉଥିଲେ । କିନ୍ତୁ ସମୟ ବଦଳିବା ସହିତ ପ୍ଲାଷ୍ଟିକ ସାମଗ୍ରୀ ବାଉଁଶ କାରିଗରଙ୍କ ବେଉସାକୁ ବୁଡ଼େଇ ଦେଲାଣି । ଆଉ ଦେଖିବାକୁ ମିଳୁନି କାରିଗରଙ୍କ ହାତ ତିଆରି ବାଉଁଶ ଜିନିଷ । ବିଭିନ୍ ବାଉଁଶ ତିଆରି ସାମଗ୍ରୀ କାରିଗର ପ୍ରସ୍ତୁତ କଲେ ବି ଲୋକେ କିଣୁନାହାନ୍ତି। ସ୍ଥିତି ଏମିତି ହୋଇଛି ଜିଲ୍ଲାର ବାଉଁଶ କାରିଗର ଏବେ ପେଟ ପୋଷିବାକୁ ଅନ୍ୟ ଉପାୟ ନ ପାଇ ଦାଦନ ଖଟିବାକୁ ବାଧ ହୋଇଛନ୍ତି । ସେପଟେ ବାଉଁଶ କାରିଗରଙ୍କ ପାଇଁ ସରକାରଙ୍କ ପକ୍ଷରୁ କିଛି ପ୍ରୋତ୍ସାହନ ନ ମିଳିବାରୁ ପାରମ୍ପରିକ କୁଟୀର ଶିଳ୍ପ ଏବେ ବିଲୁପ୍ତ ହେବାକୁ ବସିଛି ।

ଆସୁଛି ମୌସୁମୀ, ଚିନ୍ତାରେ କଟକର ସହରତଳି ଅଞ୍ଚଳବାସୀ

କଟକ,୨୪।୫(ପି.ଏନ): ଏଥରକ ସଅଳ ଆସୁଛି ମୌସୁମୀ । ଚାଷୀ ମନ ଖୁସ । କିନ୍ତୁ କଟକ ସହରତଳି ଅଞ୍ଚଳର ଲୋକଙ୍କ ମନରେ ଛନକା । ପୁଣି ଜମିବ ପାଣି । ଦାଉ ସାଜିବ ଡ୍ରେନ ସମସ୍ୟା । ଦେଖନ୍ତୁ ଏହି ଦୃଶ୍ୟକୁ । ଡ୍ରେନରେ ଜମା ହୋଇ ରହିଛି କୁଢ କୁଢ ଅଳିଆ । ପାଣି ଯିବାକୁ ରାସ୍ତା ନାହିଁ । ଏବେ ତ କେରଳ ଛୁଇଁଲାଣି ମୌସୁମୀ । ଆଉ କିଛି ଦିନ ପରେ ଓଡ଼ିଶାରେ ଆରମ୍ଭ ହୋଇଯିବ ବର୍ଷା । ହେଲେ କଟକରେ ନାଳ ସଫେଇ ସରି ନଥିବାରୁ ଚିନ୍ତାରେ ଲୋକେ । ବର୍ଷାହେଲେ ପୁଣି ନରନ୍ଦମା ପାଣିରେ ଘାଣ୍ଟିହେବେ ତଳିଆ ଅଞ୍ଚଳବାସୀ । ବିଶେଷକରି ସାମନ୍ତ ସାହି, ରାଜବାଗିଚା, ମଙ୍ଗଳାବାଗ, ପାଟପୋଲ, ଗହାଣ୍ଡିଆ, ତୁଳସୀପୁର, ଫ୍ରେଣ୍ଡସ କଲୋନୀ, ପିଠାପୁର, ଝାଞ୍ଜିରିମଙ୍ଗଳାରେ ଲୋକେ ଏବେଠାରୁ ପ୍ରମାଦ ଗଣିଲେଣି । ଖୁବଶୀଘ୍ର ନାଳରୁ ପଙ୍କଉଦ୍ଧାର କରା ନଗଲେ ଘରେ ପାଣି ପଶିବା ସହ ଜଳବନ୍ଦୀ ଜୀବନ ବିତାଇବା ନେଇ ଆଶଂକା କରିଛନ୍ତି ଲୋକେ ।ସିଏମସି କାଉନସିଲ ବୈଠକରେ ମଧ୍ୟ ଏହାକୁ ନେଇ କର୍ପୋରେଟରମାନେ ଅଭିଯୋଗ ଆଣିଛନ୍ତି । କେଉଁଠି କେତେ କାମ ସରିଲାଣି ତାର ହିସାବ ଦେବାକୁ ଦାବି କରି ହଙ୍ଗାମା କରିଛନ୍ତି । ତେବେ ସହରରେ ବର୍ତ୍ତମାନ ସୁଦ୍ଧା ୯୦ ପ୍ରତିଶତ ନାଳ ସଫେଇ କାମ ସରିଛି । ୱାଟକୋ ମଧ୍ୟ ଡ୍ରେନ କାମ ଚଳିତ ମାସ ଶେଷ ସୁଦ୍ଧା ସାରିବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ଦେଇଛନ୍ତି ମେୟର।

୨୮ ବେଳକୁ ଓଡ଼ିଶା ଛୁଇଁପାରେ ମୌସୁମୀ ବାୟୁ

ଭୁବନେଶ୍ୱର,୨୪।୫(ପି.ଏନ): କେରଳ ଛୁଇଁଲା ମୌସୁମୀ । ଆକଳନର ୮ ଦିନ ପୂର୍ବରୁ ଆସିଲା ମ

ନିର୍ମାତାଙ୍କ ଉପରେ ଗମ୍ଭୀର ଆରୋପ ଆଣିଲେ କ୍ରିଷ୍ଣା

କ୍ରିଷ୍ଣା ମୁଖାର୍ଜୀ ଜଣେ ପ୍ରସିଦ୍ଧ ଟିଭି ଅଭିନେତ୍ରୀ। ସେ ଲୋକପ୍ରିୟ ଧାରାବାହିକ 'ୟେ ହେ ମୋହବତେଁ'ରେ ଅଭିନୟ କରି ଲୋକପ୍ରିୟ ହୋଇଥିଲେ। ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାମ କରି ଆସୁଥିବା କ୍ରିଷ୍ଣା ତାଙ୍କ କ୍ୟାରିଅରରେ 'ନାଗିନ୍-୩','କୁଛ ତୋ ହେ: ନାଗିନ୍ ଏକ୍ ନଏ ରଙ୍ଗ ମେଁ',' ଶୁଭ ଶଗୁନ୍' ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ସିରିଏଲରେ ଅଭିନୟ କରିଛନ୍ତି। ଏବେ କ୍ରିଷ୍ଣା ତାଙ୍କ ଇନଷ୍ଟାଗ୍ରାମ ଆକାଉଂଟରେ 'ଶୁଭ ଶଗୁନ୍'ର ସେଟରେ ଘଟିଥିବା ଘଟଣାର ଯନ୍ତ୍ରଣାଦାୟକ ଅନୁଭୂତି ସେୟାର କରିଛନ୍ତି। କିଭଳି 'ଶୁଭ ଶଗୁନ୍'ର ନିର୍ମାତା ସୁଟିଂ ସମୟରେ ତାଙ୍କୁ ନିର୍ଯାତନ ଦେଇଥିଲେ ତାହା ସେ ଏକ ପୋଷ୍ଟ ମାଧ୍ୟମରେ ଲେଖି ଜଣାଇଛନ୍ତି। ନିଜ ଇନଷ୍ଟାଗ୍ରାମ ଆକାଉଂଟରେ ଏକ ପୋଷ୍ଟ ସେୟାର କରି ସେ ଲେଖିଛନ୍ତି ଯେ, ଗତ ଦେଢ଼ ବର୍ଷ ଧରି ମୁଁ ଅନେକ ସମସ୍ୟାର ସାମ୍ନା କରୁଛି। ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ମୋ ପାଖରେ ସାହସ ନଥିଲା। କିନ୍ତୁ ବର୍ତମାନ ମୁଁ ଏହାକୁ ଆଉ ନିଜ ଭିତରେ ଚାପି ରଖିପାରିବି ନାହିଁ। 'ଶୁଭ ଶଗୁନ୍'ର ନିର୍ମାତା କୁନ୍ଦନ ସିଂଙ୍କୁ ତାଙ୍କ ପୋଷ୍ଟରେ ଟ୍ୟାଗ କରି ଅଭିନେତ୍ରୀ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ପ୍ରଡକ୍ସନ୍ ହାଉସ୍ ଏବଂ ନିର୍ମାତା ବାରମ୍ବାର ହଇରାଣ କରୁଥିଲେ। ୫ମାସର ପାରିଶ୍ରମିକ ନଦେବା ସହ ମେକଅପ୍ ରୁମରେ ବନ୍ଦ କରି ଦେଉଥିଲେ। ଦିନେ ପୋଷାକ ପିନ୍ଧୁଥିବା ବେଳେ ନିର୍ମାତା ଆସି ବହୁତ ଜୋରରେ କବାଟ ବାଡ଼ାଇଥିଲେ, ଲାଗିଲା ଯେମିତି କବାଟ ଭାଙ୍ଗିଯିବ। ଏତେ ସବୁ ପରେ ଯେତେବେଳେ କ୍ରିଷ୍ଣା ସୋ' ଛାଡ଼ିଲେ ତାଙ୍କୁ ନିର୍ମାତା ଧମକ ଦେବା ଆରମ୍ଭ କରିଥିଲେ, ଯେଉଁ କାରଣରୁ ସେ ଅନ୍ୟ ପ୍ରୋଜେକ୍ଟରେ କାମ କରିବାକୁ ଡରୁଥିଲେ। ହେଲେ ଏବେ ସେ ମୁହଁ ଖୋଲିବା ସହ ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି।

ଅଲଗା ହେଲେ ଶ୍ରୁତି-ସାନ୍ତନୁ !

ଦକ୍ଷିଣ ଓ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହସନ। ସେ ଅଭିନୟ କରିବା ସହ ଗୀତ ମଧ୍ୟ ଗାଇବାକୁ ପସନ୍ଦ କରନ୍ତି। ଅନେକ ସମୟରେ ତାଙ୍କ ପେସାଦାର ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହୁଏ। ଅନେକ ସମୟରେ ସେ ନିଜ ପ୍ରେମିକ ସାନ୍ତନୁ ହଜାରିକାଙ୍କ ସହ ଫଟୋ ସେୟାର କରୁଥିବା ଦେଖିବାକୁ ମିଳେ। ତେବେ କିଛି ମାସ ହେଲାଣି ସେ ସାନ୍ତନୁଙ୍କ ସହ ପ୍ରେମ ସମ୍ପର୍କରେ ଥିବା ବେଳେ ଦୁହେଁ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଦୁହିଁଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଦୁହେଁ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିବା ସହ ଫଟୋ ହଟାଇ ଦେଇଛନ୍ତି। ଏହାକୁ ଦେଖିବା ପରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିବା କୁହାଯାଉଛି। ଗତବର୍ଷ ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସ ସହ କଥା ହୋଇ ଶ୍ରୁତି ହସନ କହିଥିଲେ ଯେ, "ବିବାହ ଶବ୍ଦ ମୋତେ ବହୁତ ଭୟଭୀତ କରେ। ଏଥିରେ ବହୁତ କିଛି ଅଛି ଯେଉଁ କାରଣରୁ ମୁଁ ଏହା ବିଷୟରେ ଚିନ୍ତା କରିବାକୁ ଚାହେଁ ନାହିଁ। ମୁଁ ତାଙ୍କ ସହ ରହି ଖୁସି। ତାଙ୍କ ସହଯୋଗରେ ଭଲ କାମ କରୁଛି ଏବଂ ଆମେ ଏକତ୍ର ବହୁତ ଭଲ ସମୟ କାଟୁଛୁ। ଅଧିକାଂଶ ବିବାହ ଅପେକ୍ଷା ଏହା ଭଲ ନୁହେଁ କି ? ଆମେ ପରସ୍ପର ପାଇଁ ଅଛୁ ଏବଂ କଠିନ ସମୟରେ ପରସ୍ପରକୁ ସମର୍ଥନ କରୁଛୁ। ସଂଘର୍ଷ କରୁଥିବା ସମୟରେ ତୁମ ସହ କେହି ଥିଲେ ବହୁତ ଭଲ ଲାଗେ। ଏକାକୀ ସବୁକିଛି ସାମ୍ନା କରିବା ଅପେକ୍ଷା ଏହା ଭଲ। ମୁଁ ଭାବୁଛି ଆମ ଭିତରେ ଯେଉଁଭଳି ସମ୍ପର୍କ ରହିଛି, ତା'ଠାରୁ ଭଲ କିଛି ହୋଇନପାରେ।"

ପିତାଙ୍କ ପାଇଁ ନେହାଙ୍କ ରୋଡ୍ ଶୋ

ବଲିଉଡ଼ ଅଭିନେତ୍ରୀ ନେହା ଶର୍ମା ବିହାରରେ ଏକ ରୋଡ୍ ଶୋରେ ଭାଗ ନେଇଥିବା ଦେଖିବାକୁ ମିଳିଛି। ନେହା ତାଙ୍କ ପିତା ଅଜିତ ଶର୍ମାଙ୍କ ସମର୍ଥନରେ ରୋଡ୍ ଶୋ କରିଛନ୍ତି, ଯିଏ କି କଂଗ୍ରେସ ଟିକେଟରେ ଭାଗଲପୁର ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି। ରାଜନୀତିରେ ପ୍ରବେଶ କରିବାର ଚର୍ଚ୍ଚା ମଧ୍ୟରେ ନେହା ସ୍ପଷ୍ଟ କରିଛନ୍ତି ଯେ, ସେ କେବଳ ତାଙ୍କ ପିତାଙ୍କ ପାଇଁ ପ୍ରଚାର କରୁଛନ୍ତି। ନେହା ଶର୍ମା ଇନଷ୍ଟାଗ୍ରାମରେ ବାଙ୍କା, କିଶନଗଞ୍ଜ, କଟିହର ଏବଂ ପୂର୍ଣ୍ଣିୟା ସମେତ ବିହାରର ବିଭିନ୍ନ ଜିଲାରେ ନିଜ ଯାତ୍ରାର ଏକ ଭିଡିଓ ଶେୟାର କରିଛନ୍ତି। ସେ ପାରମ୍ପରିକ ସାଲୱାର କମିଜ୍ ପିନ୍ଧିଥିଲେ ଏବଂ ଜନସାଧାରଣଙ୍କୁ ଅଭିବାଦନ ଜଣାଇବା ସହ ସେମାନଙ୍କୁ ଭୋଟ୍ ଦେବାକୁ ଉତ୍ସାହିତ କରୁଥିବା ଦେଖାବାକୁ ମିଳିଛି। ରୋଡ୍ ଶୋ ସମୟରେ ଅଭିନେତ୍ରୀଙ୍କୁ ପେରପେନ୍ତି ଏବଂ କହଲଗାଓଁରେ ବହୁ ସଂଖ୍ୟକ ଲୋକ ତାଙ୍କୁ ସ୍ୱାଗତ କରିଥିଲେ। ଅନ୍ୟ ଏକ ଭିଡିଓରେ ଅଭିନେତ୍ରୀ ଭାଗଲପୁରରେ ତାଙ୍କ ପିତାଙ୍କ ନିର୍ବାଚନ ପ୍ରଚାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ଦେଖାଯାଇଛି।

ମହାକାଶରେ ଫୁଟିଲା ଜିନିଆ ଫୁଲ

ଆଗକୁ ମଙ୍ଗଳ ଗ୍ରହ ବା ପୃଥିବୀ ବାହାର ଅନ୍ୟାନ୍ୟ ସ୍ଥାନକୁ ମହାକାଶ ଯାତ୍ରା ନିମନ୍ତେ ମହାକାଶଚାରୀଙ୍କୁ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ। ତାହାକୁ ଦୃଷ୍ଟିରେ ରଖି ମହାକାଶ ଗବେଷକମାନେ ଅନ୍ତରୀକ୍ଷରେ ଉଦ୍ଭିଦ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି କ୍ରମରେ ବୈଜ୍ଞାନିକମାନେ ଉଦ୍ଭିଦର ସ୍ଥିତି ସମ୍ପର୍କରେ ୧୯୭୦ ଦଶକରୁ ପରୀକ୍ଷା ନିରୀକ୍ଷା ଚଳାଇ ଆସିଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ୨୦୧୫ ମସିହାରେ ମହାଶୂନ୍ୟରେ ପୃଥିବୀ ଚାରିପଟେ ଘୂରୁଥିବା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଫୁଲ ଗଛ ଲଗାଇବା ଆରମ୍ଭ ହୋଇଥିଲା। ଏହାର ସୁଫଳ ମିଳିଥିବା ଏବେ ଜଣାଯାଇଛି। ସେଠାରେ ଫୁଟିଥିବା ଜିନିଆ ଫୁଲର ଚିତ୍ର 'ନାସା' ନିକଟରେ ପ୍ରକାଶ କରିଛି। 'ମହାକାଶରେ ବଗିଚା' ଗବେଷଣାର ଅଂଶବିଶେଷ ଏହି ଜିନିଆ ଫୁଲ କେବଳ ପ୍ରଦର୍ଶନୀ ପାଇଁ ନୁହେଁ, ବରଂ ପୃଥିବୀ ବାହାରେ କିପରି ଉଦ୍ଭିଦ ବଢ଼ାଯାଇପାରିବ, ସେ ସଂକ୍ରାନ୍ତ ଜ୍ଞାନ ଆହରଣ ପାଇଁ ତାହା ସହାୟକ ହେବ। ଏହା ଦ୍ୱାରା ଚନ୍ଦ୍ର, ମଙ୍ଗଳ ପରି ପୃଥିବୀ ବାହାରକୁ ଦୀର୍ଘମିଆଦୀ ମହାକାଶ ଯାତ୍ରା ବେଳେ ମହାକାଶଚାରୀଙ୍କୁ ସଜ ଫଳମୂଳ ଯୋଗାଇବାର ମୂଲ୍ୟବାନ ଉତ୍ସ ତତ୍କାଳ ମିଳିପାରିବ। 'ନାସା' ମହାକାଶଚାରୀମାନେ ମଧ୍ୟ ପୂର୍ବରୁ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଟମାଟୋ, ବନ୍ଧାକୋବି ଓ କଂଚାଲଙ୍କା ଆଦି ବଢ଼ାଇବା ସହ ଆଗକୁ ଆହୁରି ଅନେକ ଉଦ୍ଭିଦ ବିକଶିତ କରିବାର କାର୍ଯ୍ୟକ୍ରମ ରହିଛି। ମହାକାଶରେ ନଗଣ୍ୟ ବା ଶୂନ ମାଧ୍ୟାକର୍ଷଣ ବଳ ପରିବେଶରେ କିପରି ଏକ ସ୍ୱୟଂକ୍ରିୟ ବଗିଚା ସୃଷ୍ଟି କରିହେବ ସେ ବାବଦରେ ଏହି ଜିନିଆ ଫୁଲ ଫୁଟିବା ଘଟଣା ମହାକାଶଚାରୀଙ୍କୁ ଅଧିକ ଜ୍ଞାନ ଯୋଗାଇବ ବୋଲି 'ନାସା' କହିଛି।

ସପୁରୀ ଜୁସ୍ ପିଅନ୍ତୁ...

ଶରୀରକୁ ସୁସ୍ଥ ରଖିବା ପାଇଁ କିଏ ବା ନ ଚାହେଁ। ଶରୀରକୁ ଉପକାର କରୁଥିବା ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନ୍‌ଆପଲ୍ ତଥା ସପୁରୀ ଜୁସ୍। ସପୁରୀ ରସ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠ ଭଲ ମେଡିସିନ। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନର ଏକମାତ୍ର ଖାଦ୍ୟ ଉତ୍ସ। ଖରାଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ତେବେ ଆସନ୍ତୁ ଜାଣିବା ସପୁରୀ ଜୁସ୍ ପିଇବା ଦ୍ୱାରା କଣ ମିଳିଥାଏ ଫାଇଦା। ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ମିଳେ ଓ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମ ସତେଜ ରୁହେ ଏବଂ କୁଂଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ? ପିଅନ୍ତି, ତେବେ ଆପଣଙ୍କ ତ୍ୱଚା ସୁସ୍ଥ ଓ କୋମଳ ରହିବ। ସପୁରୀ ଜୁସ୍‌ରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍-ସି ର ଏକ ସମୃଦ୍ଧ ଉତ୍ସ ଥାଏ।

ଆଇନ୍ ପ୍ରୟୋଗକାରୀମାନଙ୍କର ଜିଲ୍ଲାସ୍ତରୀୟ ତାଲିମ କର୍ମଶାଳା ଅନୁଷ୍ଠିତ

କଟକ(ପି.ଏନ): ମାଦକ ଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖିବା ସହ ନିଶାମୁକ୍ତ ସମାଜ ଗଠନ ଦିଗରେ ଆଇନ୍ ପ୍ରୟୋଗକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏ ଦିଗରେ ସଚେତନତା ସୃଷ୍ଟି କରିବା ସହ ସିଗାରେଟ ଓ ଅନ୍ୟ ମାଦକ ଦ୍ରବ୍ୟ ଅଧିନିୟମ (ସିଓଟିପିଏ) ୨୦୦୩ ତଥା ଅନ୍ୟାନ୍ୟ ଆଇନ୍ ?ଗୁଡିକୁ କଡାକଡି ଲାଗୁ କରିବା ଉପରେ ଆଇନ୍ ପ୍ରୟୋଗକାରୀମାନଙ୍କର ଜିଲ୍ଲାସ୍ତରୀୟ ତାଲିମ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦିବ୍ୟଲୋଚନ ମହନ୍ତଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍ ?ଭାବନା ସଭାଗୃହଠାରେ ଆଜି ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ପ୍ରସନ୍ନ କୁମାର ହୋତା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଲୋକନାଥ ପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଦୀପା ପଟ୍ଟନାୟକ ଏବଂ ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇ ମାଦକ ଦ୍ରବ୍ୟ ସେବନ ଦ୍ୱାରା ସାମାଜିକ, ଅର୍ଥନୈତିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । ଡଃ ରାଉତ ଶରୀର ଉପରେ ମାଦକ ଦ୍ରବ୍ୟ ସେବନର କୁପ୍ରଭାବ ଏବଂ କର୍କଟ ରୋଗର ଭୟାବହତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ "ମାଦକ ଦ୍ରବ୍ୟ ମୁକ୍ତ କଟକ" ବିଷୟବସ୍ତୁ ଉପରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି କର୍ମଶାଳାରେ ପୋଲିସ୍ ଅଧିକାରୀ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ ।

କରଞ୍ଜିଆ ବନଖଣ୍ଡରେ ପକ୍ଷୀ ଗଣନା ୨୦୨୫ ପାଇଁ ବନ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର

ମୟୂରଭଞ୍ଜ : ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ପ୍ରଥମ ବା ଦ୍ୱିତୀୟ ସପ୍ତାହରେ ସମସ୍ତ ବନଖଣ୍ଡରେ ପକ୍ଷୀ ଗଣନା କରାଯାଇଥାଏ। ହେଲେ ଚଳିବ ବର୍ଷ ଏହା ସମସ୍ତ ବନଖଣ୍ଡରେ ଗୋଟିଏ ଦିନ ଅର୍ଥାତ୍ ଜାନୁଆରୀ ୧୮ ତାରିଖରେ ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ବନଖଣ୍ଡରେ ମଧ୍ୟ ସୁଚାରୁରୂପେ ପକ୍ଷୀ ଗଣନା କରିବା ପାଇଁ ଆଜି କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୪ ଟି ବନାଞ୍ଚଳ ୨୨ଟି ସେକ୍ସନରେ କାର୍ଯ୍ୟରତ ସମସ୍ତ ୭୫ ଜଣ ବନରକ୍ଷୀ, ୨୫ ଜଣ ବନପାଳ,ବନାଞ୍ଚଳ ଅଧିକାରୀ ଏବଂ ସହକାରୀ ବନାଞ୍ଚଳ ଅଧିକାରୀ ଗଣ ଉପସ୍ଥିତ ହୋଇ ପ୍ରଶିକ୍ଷଣ ପ୍ରାପ୍ତ କରିଥିଲେ। ପ୍ରଶିକ୍ଷଣ ଦାତା ଭାବେ କରଞ୍ଜିଆ ବନଖଣ୍ଡ ସହକାରୀ ବନ ସଂରକ୍ଷକ ମଦନମୋହନ ମହାନ୍ତ ଯୋଗଦାନ କରିଥିବା ବେଳେ ସମସ୍ତ ଶିବିରର ନେତୃତ୍ୱ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ କରିଥିଲେ। ଏହି ଶିବିରରେ କିପରି ପକ୍ଷୀ ମାନଙ୍କ ନିର୍ଭୟରେ ଗଣନା କରାଯିବ ଏବଂ କେଉଁ ପ୍ରକାର ପ୍ରଜାତିର ପକ୍ଷୀଙ୍କୁ ଚିହ୍ନଟ କରାଯାଇ ଗଣନା ହେବ ଏବଂ ଏହି ବନଖଣ୍ଡ ମଧ୍ୟରେ କେଉଁ କେଉଁ ପ୍ରଜାତିର ପକ୍ଷୀଙ୍କ ଆଗମନ ହୁଏ ସେ ବିଷୟରେ ସବିଶେଷ ସୂଚନା ଦିଆଯାଇଥିଲା।ଦୁଇରୁ ଅଧିକ ସଦସ୍ୟ ବିଶିଷ୍ଟ ଦଳ ଗଠନ କରି ବାଇନାକୁଲାର ଓ ଖାତା ଉପଯୋଗ କରି ପକ୍ଷୀ ଗଣନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।୨୦୨୪ ମସିହାରେ ସମୁଦାୟ ୪୯୭୩ ଟି ବିଭିନ୍ନ ପ୍ରଜାତିର ପକ୍ଷୀ ଗଣନା ହୋଇଥିବା ବେଳେ ୨୦୨୩ ମସିହାରେ ଏହା ୬୦୦୮ ଥିଲା। ଚଳିତ ବର୍ଷ ୫୫ଟି ଜଳାଶୟରେ ପକ୍ଷୀ ଗଣନା କରାଯିବ। ଗତବର୍ଷ ଠାକୁରମୁଣ୍ଡା ବନାଞ୍ଚଳରେ ୧୫୭ ଟି, କରଞ୍ଜିଆ ବନାଞ୍ଚଳରେ ୧୨୫୫, ଦୁଧୁଆଣୀ ବନାଞ୍ଚଳ ରେ ୨୨୭୧ ଟି ଓ ସାତକୋଶିଆ ୱନାଞ୍ଚଳରେ ୧୨୯୦ ଟି ପକ୍ଷୀ ଗଣନା କରାଯାଇଥିଲା। ଗତବର୍ଷ ବହୁ ଜଳାଶୟରେ ପୁନରୁଦ୍ଧାର କାର୍ଯ୍ୟ ହେଉଥିବା ଦୃଷ୍ଟିରୁ ଚଳିତ ବର୍ଷ ଗତ ବର୍ଷ ତୁଳନାରେ ଅଧିକ ସଂଖ୍ୟାରେ ପକ୍ଷୀଙ୍କ ସମାଗମ ହେ୍ବ ବୋଲି ଆଶାଥିବା କହିଛନ୍ତି କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ।

ମଜା ମଜା ମ୍ୟାଜିକ ଦେଖାଇବାକୁ ପୁଣି ଅନୁଗୋଳ ଆସୁଛନ୍ତି ବାଦଶାହ, କାଲିଠୁ ମଚାଇବେ ଧୁମ୍

ଅନୁଗୋଳ : ଅନୁଗୋଳ ମଜା ମଜା ମ୍ୟାଜିକ ଦେଖାଇବାକୁ ପୁଣି ଆସୁଛନ୍ତି ବାଦଶାହ। ବାଦଶାହ ମ୍ୟାଜିକ କମ୍ପାନୀ ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ ଅନୁଗୋଳ ସଭା ଘରେ ଧୁମ ମଚେଇବ। କମ୍ପାନୀ ପକ୍ଷରୁ ଦୈନିକ ଦୁଇଟି ଶୋ' ଅପରାହ୍ନ ୪ ଓ ସନ୍ଧ୍ୟା ୭ ଟାରେ ଆୟୋଜିତ ହେବ। ରବିବାର ତିନୋଟି ଶୋ' ହେବ। ଏଥରକ ମୁଖ୍ୟ ଆକର୍ଷଣ ରହିଛି ୨୦ ଫୁଟିଆ ଡାଇନୋସର ଓ ଗଡଜିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଷ୍ଟେଜ ଉପରେ ବିଶାଳ ଡାଇନୋସର, ଗଡଜିଲା, ଗରିଲା ଆଦିଙ୍କ ସହ ଖେଳିବେ ଯାଦୁଗର ବାଦଶାହ ଖାନ। ଏଥିସହ ମାଇଣ୍ଡ ରିଡିଙ୍ଗ, ଇନ୍ଦ୍ରଜାଲ, ଡିଜିଟାଲ ମ୍ୟୁଜିକ ସାଙ୍ଗକୁ ମନରେ ଭ୍ରମ ସୃଷ୍ଟି କଲା ଭଳି ଚମତ୍କାର ଅଭିନୟ ଓ ମ୍ୟାଜିକର ଅପୂର୍ବ ମିଶ୍ରଣ ଦର୍ଶକଙ୍କୁ ଅଢେଇ ଘଣ୍ଟା ଧରି ବାନ୍ଧି ରଖିବାକୁ ସକ୍ଷମ ହେବ। ସୂଚନାଯୋଗ୍ୟ ଯେ, ନୂଆ ନୂଆ ମ୍ୟାଜିକକୁ ନେଇ ପରୀକ୍ଷା ନିରୀକ୍ଷା କରୁଥିବା ବାଦଶାହଙ୍କ ସାରା ଦେଶରେ ବେଶ୍ ଚହିଦା ରହିଛି। ରେଡକ୍ରସକୁ ସହାୟତା କରିବା ସହ ସମାଜରୁ ଅନ୍ଧବିଶ୍ୱାସ ଦୂର କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି ଯାଦୁଗର ବାଦଶାହ। ଏ ଅବସରରେ ସଂସ୍ଥାର ଜେନେରାଲ ମ୍ୟାନେଜର ଅଲିମା ଖାନ ଓ ଏ କେ ଶର୍ମା ଉପସ୍ଥିତ ଥିଲେ।

କୋଇଡା ପ୍ରେସ କ୍ଲବର ଦିତୀୟ ବାର୍ଷିକୋତ୍ସବ ଅବସରରେ ବିଶାଳ ମାରାଥନ୍ ' ରନ୍ ଫର୍ କୋଇଡା'

କୋଇଡା,(ପି.ଏନ): ସୁନ୍ଦରଗଡ଼ ଜିଲ୍ଲାର ବଣ,ଜଙ୍ଗଲ,ନଦୀ,ନାଳଘେରା ଓ ଲୌହଖଣି , ଆଦିବାସୀ ଅଧ୍ୟୁଷିତ କୋଇଡା ଅଂଚଳର ଜନ ସାଧାରଣ,ଦୁଖୀରଙ୍କୀ,ଗରିବ ଗୁରୁ,ଅବହେଳିତ,ଅସହାୟ,ଖଟିଖିଆ,ଶ୍ରମିକ ମାନଙ୍କ ର ସ୍ୱର ହେଉଛି କୋଇଡା ପ୍ରେସ କ୍ଲବ ।ଏହି ପ୍ରେସ କ୍ଲବ୍ ଦିତୀୟ ବାର୍ଷିକ ଉସବ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସନ୍ନିକଟ ମେଲଣ ପଡ଼ିଆରେ ଜାନୁଆରୀ ୧୭ ତାରିଖରୁ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଅନୁଷ୍ଠିତ ହେଉଛି ।ଏହି ପଡ଼ିଆରେ ଜନ ?ସାଧାରଣଙ୍କ ପ୍ରଥମ ସବୁଠୁ ଆକର୍ଷଣୀୟ ହେଉଛି ସ୍ୱଦେଶୀ ମେଳା, ସବୁଦିନ ସାଂସ୍କୃତିକ କାର୍ଯ୍ୟକ୍ରମ,ବହୁ ବରେଣ୍ୟ ଅତିଥିଙ୍କ ଯୋଗଦାନ ।ଏହି ସ୍ୱଦେଶୀ ମେଳାରେ ମଣିଷର ଦୈନିକ ଜିନିଷର ଆବଶ୍ୟକୀୟ ସାମଗ୍ରୀ ଉପଲବ୍ଧ ହେବ । ଏହି ଦିତୀୟ ବାର୍ଷିକ ଉତ୍ସବ ଅବସରରେ ପ୍ରେସ କ୍ଲବ ତରଫରୁ ଏକ ବିଶାଳ ?ମାରାଥନ୍ ' ରନ୍ ଫର୍ କୋଇଡା' ଶୁଭାରମ୍ଭ ହୋଇଥିଲା ।ପ୍ରାରମ୍ଭରେ କୋଇଡା ଅଂଚଳର ବରିଷ୍ଠ ସାମ୍ବାଦିକ ରଞ୍ଜନ ମହାନ୍ତି ଙ୍କ ମୃତ୍ୟୁରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।ପରେ ଜଗନ୍ନାଥ ମନ୍ଦିରରରେ ଅତିଥିବୃନ୍ଦ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ମୁଣ୍ଡା,ପ୍ରାକ୍ତନ ବିଧାୟକ ତଥା ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୂରୀ, ପ୍ରାକ୍ତନ ବିଜେଡି ବିଧାୟକ ଭୀମସେନ ଚୌଧୁରୀ,କୋଇଡା ପଞ୍ଚାୟତ ସରପଞ୍ଚ ହୃଷିକେଶ ଦେହୂରୀ, ବିଶିଷ୍ଟ ସମାଜସେବୀ ଦ୍ୱେନିରାୟଣ ସାହୁ, ଅଶୋକ ସାମଲ, ବିଶିଷ୍ଟ ସଚେତନ ନାଗରିକ ବୀରବର ବେହେରା,କୋଇଡା ପ୍ରେସ କ୍ଲବ ସଭାପତି ସଂଗ୍ରାମ କେଶରୀ ନାୟକ,ସଂପାଦକ ବିଜୟାନନ୍ଦ ଜେନା ଏବଂ ବହୁ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ମନ୍ଦିର ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କଲାପରେ ନଡ଼ିଆ ଫଟାଇ ମାରାଥନ୍ ର ଶୁଭାରମ୍ଭ କରିଥିଲେ ।ପରେ ନିକଟସ୍ଥ ସଙ୍କଟ ମୋଚନ ମନ୍ଦିରରେ ମଧ୍ୟ ନଡ଼ିଆ ଫଟାଇ ଆଶୀର୍ବାଦ ନେଇଥିଲେ ।ପରେ ଅତିଥି ବୃନ୍ଦ ସୁଜ ପତାକା ହଲାଇ ମାରାଥନ୍ ଯାତ୍ରା ' କୋଇଡା ଫର୍ ରନ' ୨୦୨୫ ର ଶୁଭାରମ୍ଭ କରିବା ସହ ନିଜେ ମଧ୍ୟ ମାରାଥନ୍ ଦଳ ସହିତ କିଛିବାଟ ଦୌଡ଼ରେ ଅଂଶ ଗ୍ରହଣ କରି ମାରାଥନ୍ ଦଳର ଅଂଶ ଗ୍ରଣକାରୀଙ୍କୁ ଉତ୍ସାହିତ କରିଥିଲେ ।ପରେ ମାରାଥନ ଦଳ ହାତରେ ମଶାଲ ଧରି ୫୦୦ ରୁ ଉର୍ଦ୍ଧ୍ୱ କୋଇଡା ଅଂଚଳବାସୀ,ଯୁବ, ଛାତ୍ର,ଶ୍ରମିକ, ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱତଃସ୍ଫୁର୍ତ ଭାବରେ ମାରାଥନ୍ ରେ ଅଂଶ ଗ୍ରହଣ କରି ମେଡିକାଲ,ଓଏମଏମ ଛକ, ବସଷ୍ଟାଣ୍ଡ, ରାମ ମନ୍ଦିର ରାସ୍ତା,ଥାନା ଛକ ଦେଇ ପରିକ୍ରମଣ କରିମେଲଣ ପଡ଼ିଆରେ ପହଞ୍ଚି ଥିଲେ । ମେଲଣ ପଡିଆ ଟି ମାରାଥନ ଅଂଶଗ୍ରହଣ କାଳୀଙ୍କ ମୁହଁରୁ କୋଇଡା ପ୍ରେସ କ୍ଲବ ଜିନ୍ଦାବାଦ,କୋଇଡା ପ୍ରେସ କ୍ଲବ ଲଙ୍ଗ ଲିଭ୍ ନାରାରେ ପ୍ରକମ୍ପିତ ହୋଇଥିଲା ।କାର୍ଯ୍ୟକ୍ରମକୁ ପରିଚାଳନାରେ କୋଇଡା ପ୍ରେସ କ୍ଲବ ସଦସ୍ୟ ସମ୍ବିତ ଜେନା,ସୁରେଶ ଚନ୍ଦ୍ର ଦାସ, ରାମଚନ୍ଦ୍ର ପଲାଇ,ଚେତନଦୀପ୍ତ ନାୟକ,ବିଜୟ ଦାସ, ସଞ୍ଜୟ ବେହେରା,ଦାମୁ ପାତ୍ର, ବନମାଳୀ ବାରିକ,ନିଖୋଜ ନାୟକ, ଜୀତେନ୍ଦ୍ର ପଲାଇ, ଜୀତେନ୍ଦ୍ର ବାରିକ,ଲମ୍ବୋଦର ବାରିକ,ଗଣେଶ ଘଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।ଶେଷରେ ସଭାପତି ସଂଗ୍ରାମ ନାୟକ, ସଂପାଦକ ବିଜୟାନନ୍ଦ(ବୁବୁ) ନବ ବର୍ଷର କୋଇଡା ବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ କାର୍ଯ୍ୟକ୍ରମକୁ ପ୍ରତିଦିନ ଆସି ଉପଭୋଗ କରନ୍ତୁ ବୋଲି ଜଣାଇଥିଲେ ।

ନୂଆପଡ଼ା ନେସନାଲ କଲେଜର ୪୪ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ନୂଆପଡ଼ା : ନୂଆପଡ଼ା ନେସନାଲ କଲେଜର ୪୪ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଘାଟିତ ହୋଇଯାଇଛି । ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡାଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଛାତ୍ରମାନେ ମଶାଲକୁ ଖେଳ ପଡିଆ କୁ ପରିକ୍ରମା କରିଥିଲେ । ଏକ ହଜାର ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ । ବିଭୁ ପ୍ରସାଦ ପ୍ରଧାନ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ର ଚେସ ଚାମ୍ପିଅନ ଶପଥ ପାଠ କରାଇଥିଲେ ।କଲେଜ୍ ଅଧକ୍ଷ ଶ୍ରୀ ହିତେଶ କୁମାର ସାହୁ ଅଧକ୍ଷତା ରେ ଆୟୋଜିତ କ୍ରିଡ଼ା ଉତ୍ସବ ରେ କଲେଜ କ୍ରୀଡା ସଂସଦ ର ଉପ ସଭାପତି ମଞ୍ଚ ପରିଚାଳନା କରିଥିଲେ । ସମସ୍ତ ଅଧ୍ୟାପକ, ଅଧ୍ୟାପିକ,କଲେଜ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । କ୍ରୀଡା ଅଧ୍ୟାପକ ପ୍ରକାଶ କୁମାର ସାହୁ ଖେଳ ପରିଚାଳନା କରିଥିବା ବେଳେ କପିଳ ଦେବ ପାଣଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ।

ଶିରିଡି ଓ ନାସିକ ଦର୍ଶନରେ ଗଲେ କଟକ ଜିଲ୍ଲାର ୧୯୭ ବରିଷ୍ଠ ନାଗରିକଅତୀର୍ଥଯାତ୍ରୀ

କଟକ ,(ପି.ଏନ): ବରିଷ୍ଠ ନାଗରିକମାନଙ୍କୁ ଅଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଲାଗୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଶିରିଡି ଓ ନାସିକ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ମାନ୍ୟବର ବିଧାୟକ ବାରବାଟୀ କଟକ ଇଂ. ସୋଫିଆ ଫିର୍ଦ୍ଦୋସ, ମାନ୍ୟବର ବିଧାୟକ କଟକ ସଦର ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, କଟକ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀମତୀ ସୁଜାତା ପଟ୍ଟନାୟକ ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଆଜି ସକାଳ ୧୧ଟାରୁ ଜିଲ୍ଲାପାଳଙ୍କ ସଦଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା । ସେଠାରେ ସେମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା ଓ ଦିନ ୪ଟା ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ । ପ୍ରକାଶଥାଉକି ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ବିଭିନ୍ନ ଜିଲ୍ଲାର ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ନେଇ ଛାଡୁଥିବା ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଶିରିଡି ଓ ନାସିକ ଅଭିମୁଖେ ଯାତ୍ରା କରିବେ । କଟକ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୬ଜଣ ଏସକର୍ଟ ଅଫିସର ଯାତ୍ରା କରୁଛନ୍ତି ।

ବେଆଇନ ଭାବରେ ଶ୍ରମିକ ମାନଙ୍କୁ ଚାକିରି ରୁ ବାହାର କରିବା ଏବଂ ମାସିକ ବେତନ ରୁ ଟଙ୍କା କାଟିବା ବିରୋଧରେ ହସ୍ପିଟାଲ କର୍ମଚାରୀଙ୍କ ବିକ୍ଷୋଭ

କେନ୍ଦୁଝର , (ପି.ଏନ): କେନ୍ଦୁଝର ଜିଲ୍ଲା ହସ୍ପିଟାଲ କର୍ମଚାରୀ ସଂଘ ତରଫ ରୁ ଏଲ୍ ଏଣ୍ଡ କେ କମ୍ପାନୀ ବିରୋଧ ରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କର ଯାଇଥିଲା ।ଏଥିରେ ଅନେକ ହସ୍ପିଟାଲ କର୍ମଚାରୀ ଯୋଗଦାନ ଦେଇଥିଲେ। ପୁନର୍ବାର କମ୍ପାନୀ କର୍ମଚାରୀ ମାନଙ୍କୁ ଥଇଥାନ କରିବାର ବ୍ୟବସ୍ଥା,ଦରମା ୫୦୦ ଟଙ୍କା କୁ ବୃଦ୍ଧି ,ଏହିପରି ବିଭିନ୍ନ ଦାବି କର୍ମଚାରୀ ମାନେ ଉପସ୍ଥାପନା କରିଥିଲେ,,ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ମତବ୍ୟକ୍ତ ରଖିଥିଲେ।

ଉଜୁଡା କ୍ଷେତକୁ ଅଚଳ ପ୍ଲାଣ୍ଟ, ସଂକଟରେ ଜନଜାତଙ୍କ ଜୀବିକା

ତେଲକୋଇ - ଆଦିବାସୀ ଙ୍କ ଜମିରେ ଲକ୍ଷ୍ୟ ଲକ୍ଷ୍ୟ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ଲେମ୍ବୁ ଘାସ ରୋପଣ ହେଲା ଆଉ ଘାସପ୍ରକ୍ରିୟା କରଣ କରି ତେଲ ଉତ୍ପାଦନ ପାଇଁ ଗୁଡ଼ାଏ ଅର୍ଥ ଖର୍ଚ୍ଚ କରି ଦୁଇଟି ପ୍ଲାଣ୍ଟ ସ୍ଥାପନ ହେଲା।କିନ୍ତୁ ପ୍ରଥମ ବର୍ଷ ପରେ ପ୍ଲାଣ୍ଟ ଅଚଳ। ଓଡିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପାଇଁ କରାଯାଇଥିବା ଯୋଜନା ବିଫଳ। ଯୋଜନା ହେଉଛି ଅର୍ଥ ବ୍ୟୟ ହେଉଛି କିନ୍ତୁ ଜୀବିକା ରେ ପରିବର୍ତ୍ତନ ଘଟୁନାହିଁ ଗାଁ ଗହଳିରେ ଥିବା ଆଦିବାସୀ ପରିବାରର। କେବଳ ୩ବର୍ଷରେ ଥରେ ଯୋଜନା ବଦଳା ଯାଇ ଅର୍ଥ ହଡପ ର ମସୁଧା ଚାଲିଛି ବୋଲି ଅଭିଯୋଗ ହେଉଛି। ଆଉ ଏପରି ଅନିୟମିତତା କୁ ଉଚ୍ଚ ସ୍ତରୀୟ ଯାଞ୍ଚ ପାଇଁ ଏବେ ସରକାରୀ ଦଳ ଅର୍ଥାତ ବିଜେପି ଦାବି କରିଛି।ଏପରି ବ୍ୟାପକ ଅନିୟମିତତା ହୋଇଛି କେନ୍ଦୁଝର ଜିଲ୍ଲାର ସାମନ୍ୟିତ ଆଦିବାସୀ ଉନୟନ ସଂସ୍ଥାରେ। କେନ୍ଦୁଝର ଜିଲ୍ଲା ସମ୍ବନିତ ଆଦିବାସୀ ଉନୟନ ସଂସ୍ଥା (ଆଇ ଟି ଡି ଏ)ର ଆର୍ଥିକ ସହାୟତାରେ ଓଡିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକାନିର୍ବାହ କାର୍ଯ୍ୟକ୍ରମ ପ୍ଲସ (ଓଟିଇଏଲପି)ମାଧ୍ୟମରେ ତେଲକୋଇ ବ୍ଲକରେ ୬ଶହ ଏକର ଆଦିବାସୀ ଙ୍କ ଜମିରେ ଲେମ୍ବୁ ଘାସ ରୋପଣ ୨୦୧୯-୨୦୬ ୨୧-୨୨ ମସିହାରେ କରାଯାଇଥିଲା। ଏଥିରେ ପ୍ରାୟ ୨ କୋଟି ଖର୍ଚ୍ଚ ହୋଇଥିଲା। ଲେମ୍ବୁ ଘାସ ଚାଷ ସହିତ ପ୍ରକ୍ରିୟାକରଣ ଉ

ଓଁ ଗନ୍ଧଦ୍ୱାଂ ଦୁରାଧର୍ଷାଂ ନିତ୍ୟପୁଷ୍ଟାଂ କରୀଷିଣୀମ୍ ।
ଈଶ୍ୱରୀଂ ସର୍ବଭୂତାନାଂ ତାମିହୋପହ୍ୱୟେ ଶ୍ରିୟମ୍ ।।
ମନସଃ କାମମାକୂତିଂ ବାଚଃ ସତ୍ୟମଶୀମହି ।
ପଶୂନାଂ ରୂପମନ୍ନସ୍ୟ ମୟି ଶ୍ରୀଃ ଶ୍ରୟତାଂ ଯଶଃ ।।
କର୍ଦମେନ ପ୍ରଜାଭୂତା ମୟି ସମ୍ଭବ କର୍ଦମ ।
ଶ୍ରିୟଂ ବାସୟ ମେ କୁଳେ ମାତରଂ ପଦ୍ମମାଳିନୀମ୍ ।।
ଆପଃ ସୃଜନ୍ତୁ ସ୍ନିଗ୍ଧାନି ଚିକ୍ଲୀତ ବସ ମେ ଗୃହେ ।
ନିଚ ଦେବୀ ମାତରଂ ଶ୍ରିୟଂ ବାସୟ ମେ କୁଳେ ।।
ଆର୍ଦ୍ରାଂ ପୁଷ୍କରିଣୀଂ ପୁଷ୍ଟିଂ ସୁବର୍ଣାଂ ହେମମାଳିନୀମ୍ ।
ସୂର୍ଯାଂ ହିରଣ୍ମୟୀଂ ଲକ୍ଷ୍ମୀଂ ଜାତବେଦୋ ମ ଆବହ ।।
ଆର୍ଦ୍ରାଂ ଯଃ କରିଣୀଂ ଯଷ୍ଟିଂ ସୁବର୍ଣାଂ ହେମମାଳିନୀମ୍ ।
ସୂର୍ଯାଂ ହିରଣ୍ମୟୀଂ ଲକ୍ଷ୍ମୀଂ ଜାତବେଦୋ ମ ଆବହ ।।
ତାଂ ମ ଆବହ ଜାତବେଦୋ ଲକ୍ଷ୍ମୀମନପଗାମିନୀମ୍ ।
ଯସ୍ୟାଂ ହିରଣ୍ୟଂ ବିନ୍ଦେୟଂ ଗାମଶ୍ୱଂ ପୁରୁଷାନହମ୍ ।।
ଅଶ୍ୱପୂର୍ବାଂ ରଥମଧ୍ୟାଂ ହସ୍ତିନାଦପ୍ରବୋଧିନୀମ୍ ।
ଶ୍ରିୟଂ ଦେବୀମୁପହ୍ୱୟେ ଶ୍ରୀର୍ମା ଦେବୀର୍ଜୁଷତାମ୍ ।।
କାଂସୋସ୍ମିତାଂ ହିରଣ୍ୟପ୍ରାକାରାମାର୍ଦ୍ରାଂ ଜ୍ୱଲନ୍ତୀଂ ତୃପ୍ତାଂ ତର୍ପୟନ୍ତୀମ୍ ।
ପଦ୍ମେସ୍ଥିତାଂ ପଦ୍ମବର୍ଣାଂ ତାମିହୋପହ୍ୱୟେ ଶ୍ରିୟମ୍ ।।
ଚନ୍ଦ୍ରାଂ ପ୍ରଭାସାଂ ଯଶସା ଜ୍ୱଲନ୍ତୀଂ ଶ୍ରିୟଂ ଲୋକେ ଦେବଜୁଷ୍ଟାମୁଦାରାମ୍ ।
ତାଂ ପଦ୍ମିନୀମୀଂ ଶରଣମହଂ ପ୍ରପଦ୍ୟେ ଅଲକ୍ଷ୍ମୀର୍ମେ ନଶ୍ୟତାଂ ତ୍ୱାଂ ବୃଣେ ।।
ଆଦିତ୍ୟବର୍ଣେ ତପସୋଧିଜାତୋ ବନସ୍ପତିସ୍ତବ ବୃକ୍ଷୋଥ ବିଲ୍ୱଃ ।
ତସ୍ୟ ଫଳାନି ତପସା ନୁଦନ୍ତୁ ମାୟାନ୍ତରାୟାଶ୍ଚ ବାହ୍ୟା ଅଲକ୍ଷ୍ମୀଃ ।।
ଉପୈତୁ ମାଂ ଦେବସଖଃ କୀର୍ତିଶ୍ଚ ମଣିନା ସହ ।
ପ୍ରାଦୁର୍ଭୂତୋସ୍ମି ରାଷ୍ଟ୍ରେସ୍ମିନ୍ କୀର୍ତିମୃଦ୍ଧିଂ ଦଦାତୁ ମେ ।।
କ୍ଷୁତ୍ପିପାସାମଳାଂ ଜ୍ୟେଷ୍ଠାମଲକ୍ଷ୍ମୀଂ ନାଶୟାମ୍ୟହମ୍ ।
ଅଭୂତିମସମୃଦ୍ଧିଂ ଚ ସର୍ବାଂ ନିର୍ଣୁଦ ମେ ଗୃହାତ୍ ।।
ଗନ୍ଧଦ୍ୱାରାଂ ଦୁରାଧର୍ଷାଂ ନିତ୍ୟପୁଷ୍ଟାଂ କରୀଷିଣୀମ୍ ।
ଈଶ୍ୱରୀଂ ସର୍ବଭୂତାନାଂ ତାମିହୋପହ୍ୱୟେ ଶ୍ରିୟମ୍ ।।
ମନସଃ କାମମାକୂତିଂ ବାଚଃ ସତ୍ୟମଶୀମହି ।
ପଶୂନାଂ ରୂପମନ୍ନସ୍ୟ ମୟି ଶ୍ରୀଃ ଶ୍ରୟତାଂ ଯଶଃ ।।
କର୍ଦମେନ ପ୍ରଜାଭୂତା ମୟି ସମ୍ଭବ କର୍ଦମ ।
ଶ୍ରିୟଂ ବାସୟ ମେ କୁଳେ ମାତରଂ ପଦ୍ମମାଳିନୀମ୍ ।।
ଆପଃ ସୃଜନ୍ତୁ ସ୍ନିଗ୍ଧାନି ଚିକ୍ଲୀତ ବସ ମେ ଗୃହେ ।
ନିଚ ଦେବୀ ମାତରଂ ଶ୍ରିୟଂ ବାସୟ ମେ କୁଳେ ।।
ଆର୍ଦ୍ରାଂ ପୁଷ୍କରିଣୀଂ ପୁଷ୍ଟିଂ ସୁବର୍ଣାଂ ହେମମାଳିନୀମ୍ ।
ସୂର୍ଯାଂ ହିରଣ୍ମୟୀଂ ଲକ୍ଷ୍ମୀଂ ଜାତବେଦୋ ମ ଆବହ ।।
ଆର୍ଦ୍ରାଂ ଯଃ କରିଣୀଂ ଯଷ୍ଟିଂ ସୁବର୍ଣାଂ ହେମମାଳିନୀମ୍ ।
ସୂର୍ଯାଂ ହିରଣ୍ମୟୀଂ ଲକ୍ଷ୍ମୀଂ ଜାତବେଦୋ ମ ଆବହ ।।
ତାଂ ମ ଆବହ ଜାତବେଦୋ ଲକ୍ଷ୍ମୀମନପଗାମିନୀମ୍ ।
ଯସ୍ୟାଂ ହିରଣ୍ୟଂ ବିନ୍ଦେୟଂ ଗାମଶ୍ୱଂ ପୁରୁଷାନହମ୍ ।।
ଅଶ୍ୱପୂର୍ବାଂ ରଥମଧ୍ୟାଂ ହସ୍ତିନାଦପ୍ରବୋଧିନୀମ୍ ।
ଶ୍ରିୟଂ ଦେବୀମୁପହ୍ୱୟେ ଶ୍ରୀର୍ମା ଦେବୀର୍ଜୁଷତାମ୍ ।।
କାଂସୋସ୍ମିତାଂ ହିରଣ୍ୟପ୍ରାକାରାମାର୍ଦ୍ରାଂ ଜ୍ୱଲନ୍ତୀଂ ତୃପ୍ତାଂ ତର୍ପୟନ୍ତୀମ୍ ।
ପଦ୍ମେସ୍ଥିତାଂ ପଦ୍ମବର୍ଣାଂ ତାମିହୋପହ୍ୱୟେ ଶ୍ରିୟମ୍ ।।
ଚନ୍ଦ୍ରାଂ ପ୍ରଭାସାଂ ଯଶସା ଜ୍ୱଲନ୍ତୀଂ ଶ୍ରିୟଂ ଲୋକେ ଦେବଜୁଷ୍ଟାମୁଦାରାମ୍ ।
ତାଂ ପଦ୍ମିନୀମୀଂ ଶରଣମହଂ ପ୍ରପଦ୍ୟେ ଅଲକ୍ଷ୍ମୀର୍ମେ ନଶ୍ୟତାଂ ତ୍ୱାଂ ବୃଣେ ।।
ଆଦିତ୍ୟବର୍ଣେ ତପସୋଧିଜାତୋ ବନସ୍ପତିସ୍ତବ ବୃକ୍ଷୋଥ ବିଲ୍ୱଃ ।
ତସ୍ୟ ଫଳାନି ତପସା ନୁଦନ୍ତୁ ମାୟାନ୍ତରାୟାଶ୍ଚ ବାହ୍ୟା ଅଲକ୍ଷ୍ମୀଃ ।।
ଉପୈତୁ ମାଂ ଦେବସଖଃ କୀର୍ତିଶ୍ଚ ମଣିନା ସହ ।
ପ୍ରାଦୁର୍ଭୂତୋସ୍ମି ରାଷ୍ଟ୍ରେସ୍ମିନ୍ କୀର୍ତିମୃଦ୍ଧିଂ ଦଦାତୁ ମେ ।।
କ୍ଷୁତ୍ପିପାସାମଳାଂ ଜ୍ୟେଷ୍ଠାମଲକ୍ଷ୍ମୀଂ ନାଶୟାମ୍ୟହମ୍ ।
ଅଭୂତିମସମୃଦ୍ଧିଂ ଚ ସର୍ବାଂ ନିର୍ଣୁଦ ମେ ଗୃହାତ୍ ।।

ରଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୫, ମଇ ୨୫

ଆଜ୍ଞାନୁବର୍ତ୍ତିତା

ଅନୀତା ପଟ୍ଟନାୟକ

ମୋର ଅଫିସରେ ଜଣେ ଖ୍ରୀଷ୍ଟିଆନ ବନ୍ଧୁ ଥିଲେ। ତାଙ୍କର ନାମ ଥିଲା ଜନ। ଜନ ଅଫିସରେ କର୍ମଚାରୀ ମାନଙ୍କୁ ସବୁବେଳେ ଆଜ୍ଞାନୁବର୍ତ୍ତୀ ହେବାକୁ ଶିକ୍ଷା ଦେଉଥିଲେ। ମୁଁ ତାଙ୍କୁ ପଚାରିଲି ତୁମେ ଆଜ୍ଞାନୁବର୍ତ୍ତୀତାକୁ କାହିଁକି ଏତେ ଗୁରୁତ୍ୱ ଦେଉଛ ? ସେ କହିଲେ ଆଜ୍ଞାନୁବର୍ତ୍ତିତା ଧର୍ମର ଏକ ଉପମୂଲ୍ୟବୋଧ। ଅବଜ୍ଞାରୁ ଏ ମାନବ ସମାଜର ସୃଷ୍ଟି। ଏତେ ଦୁଃଖ ଯନ୍ତ୍ରଣାର ଆରମ୍ଭ। ମୁଁ ତାଙ୍କ କଥା କିଛି ବୁଝି ପାରିଲି ନାହିଁ। ମୁଁ ପଚାରିଲି ତୁମେ ଏପରି କାହିଁକି କହୁଛ ? ସେ କହିଲେ ଆଦାମ ଓ ଇଭଙ୍କୁ ଭଗବାନ ଏକ ନିଷିଦ୍ଧ ଫଳ ଖାଇବାକୁ ମନା କରିଥିଲେ। ସେମାନେ ଆଜ୍ଞାନୁବର୍ତ୍ତିତା କ'ଣ ବୁଝି ପାରିନଥିଲେ। ତାପରେ ଯାହା ହେଲା ଯାହା ହେଉଛି ତାହା ତୁମ ଆଗରେ ଅଛି। ମୁଁ କହିଲି ସନାତନ ଧର୍ମରେ ଭଗବାନଙ୍କୁ ଚିହ୍ନିବା ପାଇଁ ଭଗବାନ ପ୍ରତ୍ୟେକ ମଣିଷକୁ ଦୁଇଟି ଆଖି ଦେଇଛନ୍ତି ସେ ଦୁଇଟି ଆଖି ହେଉଛି ଧର୍ମ ଓ ଜ୍ଞାନ। ଜନ ପଚାରିଲେ ଧର୍ମ କ'ଣ ? ମୁଁ କହିଲି ସତ୍ୟ ଯେତେବେଳେ କର୍ମରେ ପରିଣତ ହୁଏ ତାହାକୁ ସଦାଚାର ବା ଧର୍ମ କୁହାଯାଏ। ସର୍ବଦା ସତ୍‌କର୍ମ କରିବା ପାଇଁ ଓ ମନୁଷ୍ୟର ଇଚ୍ଛାଶକ୍ତିକୁ ଶୃଙ୍ଖଳିତ କରିବା ପାଇଁ ଚେଷ୍ଟା କରିବା ଉଚିତ। ପ୍ରେମପୂର୍ଣ୍ଣ କାର୍ଯ୍ୟ ହିଁ ଧର୍ମ। ଧର୍ମ ମାର୍ଗ ଆମକୁ ବ୍ରହ୍ମମାର୍ଗକୁ ନେଇଯାଇଥାଏ। ଆଦାମ ଓ ଇଭ ଯଦି ଭଗବାନଙ୍କର କଥା ଅବମାନନା କରିନଥାନ୍ତେ, ଆଜ୍ଞାନୁବର୍ତ୍ତୀ ହୋଇଥାନ୍ତେ ଧର୍ମ ଓ ଜ୍ଞାନର ଚକ୍ଷୁକୁ ବ୍ୟବହାର କରିଥାନ୍ତେ ତେବେ ସେମାନେ ବ୍ରହ୍ମଜ୍ଞାନୀ ହୋଇପାରିଥାନ୍ତେ। ଜନ୍ ମତେ ବୁଝାଇବାକୁ ଯାଇ କହିଲେ, ଏଇ ଆଦାମ ଓ ଇଭଙ୍କର ଅବୈଧ ମିଳନ ଫଳରେ ଧର୍ମ ଓ ଅଧର୍ମର ସନ୍ତାନମାନେ ଜନ୍ମ ହୋଇ ପଡ଼ିଛନ୍ତି। ଅଧର୍ମ ମିଥ୍ୟାକୁ ବିବାହ କରିବାକୁ ଲାଗିଲା ସେମାନଙ୍କର କନ୍ୟା ଅହଂକାର ଓ ପୁତ୍ର ମୋହ ଜନ୍ମ ହେଲେ। ସେମାନଙ୍କର ଅପବିତ୍ର ମିଳନ ଫଳରେ ପୁତ୍ର ଲୋଭ ଓ କନ୍ୟା କାମନା ଜନ୍ମ ନେଲେ। ମୁଁ ଜନ୍‌କୁ ବୁଝାଇବାକୁ ଯାଇ କହିଲି, ଏଇ ଧର୍ମ ଓ ଅଧର୍ମର ମାର୍ଗକୁ ବୁଝାଇବା ପାଇଁ ଭଗବାନ ବା ପରମପିତାଙ୍କୁ ବାରମ୍ବାର ପୃଥିବୀକୁ ଆସିବାକୁ ପଡୁଛି। ଜନ୍ ପଚାରିଲେ ତୁମେ ଅଧର୍ମ କହିଲେ କ'ଣ ବୁଝ ? ମୁଁ ତାଙ୍କୁ ବୁଝାଇବାକୁ ଯାଇ କହିଲି 'ପ୍ରବୃତ୍ତି ସର୍ବସ୍ୱ ଜୀବନ ହିଁ ଅଧର୍ମ' ଓ 'ଆତ୍ମ ସର୍ବସ୍ୱ ଜୀବନ ହେଉଛି ଧର୍ମ'। ଅବତାର ପୁରୁଷମାନେ ଜନ୍ମ ନେଇ ଧର୍ମର ସଂସ୍ଥାପନ କରନ୍ତି। ଆମ ଧର୍ମରେ ସତ୍ୟ ଆତ୍ମାକୁ ବିବାହ କରେ। ସେମାନଙ୍କର ସନ୍ତାନ ସନ୍ତତି ଜନ୍ମ ହୁଅନ୍ତି। ଏକଥା ଶୁଣି ଜନ୍‌ଙ୍କର ଆଗ୍ରହ ବଢ଼ିଗଲା। ସେ କହିଲେ ସତ୍ୟ ଓ ଧର୍ମର ମିଳନ ଫଳରେ କେଉଁ କେଉଁ ସନ୍ତାନ ଜନ୍ମ ହେଲେ ? ମୁଁ କହିଲି ସେମାନଙ୍କ ସନ୍ତାନମାନେ ହେଲେ 'ଶ୍ରଦ୍ଧା', 'ଦୟା', 'ସନ୍ତୁଷ୍ଟି', 'ବୃଦ୍ଧି', 'ଲଜ୍ଜା', 'ତୁଷ୍ଟି', 'ଶାନ୍ତି', 'ଗୌରବ ଓ ମୁକ୍ତି'। ଜନ୍ କହିଲା ତୁମେ ଠିକ କହିଛ। ବର୍ତ୍ତମାନ ଆମକୁ ବିଚାର କରିବାକୁ ହେବ ଆମେ କେଉଁ ବଂଶର ଅର୍ନ୍ତଭୁକ୍ତ ? ଧର୍ମ ନା ଅଧର୍ମ। ମୁଁ କହିଲି ବର୍ତ୍ତମାନ ୯୦ଭାଗ ଲୋକ ଅଧର୍ମ ମାର୍ଗର ଅନ୍ତର୍ଭୁକ୍ତ। ଧର୍ମକୁ କେବଳ ବାକ୍ୟରେ ସୀମିତ ରଖିଛନ୍ତି। ମନୁଷ୍ୟ ସଦାଚାରର ପ୍ରତିମୂର୍ତ୍ତି ହୋଇଥିଲେ ମଧ୍ୟ ସେ ଧାର୍ମିକ ଜୀବନ ଯାପନ ଓ ଦୈବତ୍ୱ ସହିତ ସଂପର୍କ ରଖିଥାଏ। ବିଶ୍ୱାସ, ସତ୍ୟ ଓ ଧର୍ମ ନୀତିରେ ଅନୁରକ୍ତ ହୋଇପାରୁନାହିଁ। ଏହିପରି ଲୋକମାନଙ୍କର ବୋଝରେ ପୃଥିବୀ ଭାରାକ୍ରାନ୍ତ ହୋଇଛି। ସେ ଧନ ସଞ୍ଚୟ କରିବା ଅପେକ୍ଷା ଭଗବାନଙ୍କର କରୁଣା ଉପାର୍ଜନ କରିପାରି ନାହିଁ।

ମୁଁ ମୋର ଅଫିସର ଲୋକମାନଙ୍କୁ ଆଜ୍ଞାନୁବର୍ତ୍ତିତା ହେବା ପାଇଁ ଯେତେ କହିଲେ ମଧ୍ୟ ସେମାନେ ଶୁଣୁ ନାହାଁନ୍ତି। ଜନ୍ କହିଲେ ବନ୍ଧୁ ମୋର ଗାର୍ଜାକୁ ଯିବାର ସମୟ ହେଲାଣି। ମୁଁ କହିଲି ମୋର ମଧ୍ୟ ମନ୍ଦିରକୁ ଯାଇ ପ୍ରାର୍ଥନା କରିବାର ସମୟ ହେଲାଣି ଚାଲ ବିଦାୟ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

ଦୁର୍ଗା ଦେବୀଂ ଶରଣମହଂ....

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ଶକ୍ତି ପୂଜାର ପରମ୍ପରା ବୈଦିକ କାଳରୁ ରହିଆସିଛି। ଭାରତ ବର୍ଷର ଧାର୍ମିକ ଚଳଣିରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ ଜଗଜ୍ଜନନୀ ମା'ଦୁର୍ଗାଙ୍କ ଶକ୍ତି ପୂଜା ତା ମଧ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଥାଏ। ଋଗବେଦରେ ବର୍ଣ୍ଣିତ - 'ତାମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତାଂ ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାମ୍, ଦୁର୍ଗା ଦେବୀଂ ଶରଣମହଂ ପ୍ରପଦ୍ୟେ ସୁତରସି ତରସେ ନମଃ'। ଅର୍ଥାତ୍ 'ମୁଁ ଅଗ୍ନିବର୍ଣ୍ଣା ତପୋଜ୍ୱଳା ଦୁର୍ଗାଦେବୀଙ୍କର ଶରଣ ପଶୁଛି, ଯେ କି ପରମ ଶକ୍ତିସମ୍ପନ୍ନ, ଯେ ନିଜକୁ ବହୁବିଧ ରୂପରେ ପ୍ରକଟ କରନ୍ତି, ଯେ କି କର୍ମ ଓ ଫଳରେ ନିହିତ ଶକ୍ତି ଅଟନ୍ତି। ହେ ରକ୍ଷାରେ ନିପୁଣା ଦେବୀ, ଆମକୁ ଅଧିକ କୁଶଳତାର ସହ କଷ୍ଟ ମଧ୍ୟରେ ପାର କରାଅ। ଆମେ ତୁମକୁ ପ୍ରଣାମ କରୁଛୁ।' ମା'ସୃଷ୍ଟି ସ୍ଥିତି ବିନାଶର ଆଧାର। ଓଁକାର ଶବ୍ଦ ସହ ପୃଥିବୀ ସୃଷ୍ଟି ହେବା ସମୟରୁ ଶକ୍ତି ଉତ୍ପନ୍ନ ହୋଇଅଛି। ଏହି ଶକ୍ତି ସମଗ୍ର ଜଗତରେ ଜୀବ, ମାନବ, ବୃକ୍ଷଲତାରେ ପୁରି ରହିଛି। ନବରାତ୍ରି ଉପାସନା ଆମକୁ ସେହି ଶକ୍ତି ପ୍ରଦାନ କରେ। ମହାଶକ୍ତିକୁ ନବରାତ୍ରିରେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ମଧ୍ୟ ପୂଜା କରନ୍ତି। ମହାକାଳୀ ତମଗୁଣର ପ୍ରତୀକ। ମା'କାଳୀ ଆମର ତମ ଗୁଣ ଯଥା - କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ଦୂର କରି ଆମକୁ ଦିବ୍ୟଗୁଣ ପ୍ରଦାନ କରିବା ପାଇଁ ଆମେ ତାଙ୍କୁ ଆରାଧନା କରୁ ପ୍ରାର୍ଥନା କରୁ। ମା'ଆମର ଅଜ୍ଞାନ ନାଶ କରି ଦିବ୍ୟଜ୍ଞାନ ପ୍ରଦାନ କରନ୍ତୁ, ମହାଲକ୍ଷ୍ମୀ ରଜଗୁଣର ପ୍ରତୀକ। ଏହା ସାହାସ, ତ୍ୟାଗ, ଶାସନ ଓ କର୍ମ ତତ୍ପରତା ଆଦି ଗୁଣାବଳୀର ପ୍ରତୀକ। ମା'ଲକ୍ଷ୍ମୀଙ୍କୁ କ'ଣ ଦେଇ ପୂଜା କରିବା। ଆମର ଦେହ, ମନ, ବୁଦ୍ଧି ସବୁତ ତାର ସେ ଆମକୁ ଆବଶ୍ୟକ ଖାଦ୍ୟପେୟ ଓ ଯଶ ପ୍ରଦାନ କରନ୍ତୁ। ମହାସରସ୍ୱତୀ ସତ୍ତ୍ୱଗୁଣର ପ୍ରତୀକ। ଏଥିରେ ସହିଷ୍ଣୁତା, ଦୟା, ପ୍ରେମ ଆଦି ଗୁଣ ରହିଛି। ମା'ସରସ୍ୱତୀ ହଂସବାହିନୀ, ହଂସ ଯେପରି କ୍ଷୀର ଓ ପାଣିରୁ କେବଳ କ୍ଷୀର ପିଇଦିଏ ଆମେ ସେହିପରି ଭଲ ଓ ମନ୍ଦ ମଧ୍ୟରୁ ଭଲଟିକୁ ବାଛିନେବା। ଦୁର୍ଗାପୂଜା କେତେକ ସ୍ଥାନରେ ଷୋଳଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନବ୍ୟାପୀ ପାଳିତ ହୁଏ। ସେ ସବୁକ ଗୋଟି ଗୋଟି କରି ଆଲୋଚନା କଲେ ଏହି ସ୍ୱଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା, ପ୍ରକୃତିର ପୂଜା। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନ ଦେବୀ ପାଞ୍ଚ ତେଜନାରେ ଜଡ଼ିତ। ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା। ପ୍ରଥମରେ ଶୈଶବ ଅବସ୍ଥାରେ ଆମର ଆତ୍ମଚେତନ୍ୟ ଜାଗ୍ରତ ହୁଏ। ଷଷ୍ଠୀ ତିଥି ନନ୍ଦା, ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା। ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ, ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ, ସେ ତରୁଣୀ। ରିକ୍ତାରେ ସେ ଯୋଗିନୀ ଓ ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ। ଆଉ ମଧ୍ୟ ଶ୍ରୀରାମଚନ୍ଦ୍ର ମା'ଦୁର୍ଗାଙ୍କୁ ପୂଜା କରି ଏହି ସମୟରେ ଲଙ୍କାର ରାଜା ରାବଣକୁ ବିନାଶ କରି ମା'ସୀତାଙ୍କୁ ଉଦ୍ଧାର କରିଥିଲେ। ସେହିଦିନ ଠାରୁ ଏହି ନବରାତ୍ରି ପର୍ବ ଆସୁରୀ ଶକ୍ତି ଉପରେ ଦୈବୀଶକ୍ତିର ବିଜୟର ପ୍ରତୀକ ସ୍ୱରୂପ ପାଳନ କରାଯାଏ। ପ୍ରତିବର୍ଷ ଆମେ ମା'ଦୁର୍ଗାଙ୍କୁ ପୂଜା କରୁଛୁ ଓ ରାବଣ ପୋଡ଼ି କରୁଛୁ। କିନ୍ତୁ ଆମ ସମାଜରୁ ଓ ଆମ ଭିତରେ ଥିବା ଆସୁରୀ ଶକ୍ତି ଦୂର ହେଉନାହିଁ। ଅନ୍ତରରେ ଗୋଟିଏ ଜ୍ଞାନ ଦୀପ ଜଳିଲେ ମନ ଭିତରୁ ଅଜ୍ଞାନ ରୂପକ ଅନ୍ଧକାର ଦୂର ହେବ। ସହସ୍ର ଇଲେକ୍ଟ୍ରିକ୍ ବଲ୍ବ ବା ବତୀ ଏ ଅନ୍ଧାର ଦୂର କରିପାରିବେ ନାହିଁ। ଆମେ ମା'ର ଶକ୍ତିରେ ନିଜକୁ ଆଲୋକିତ କରିବା। ସେ ପଦପଦବୀ ଛୋଟବଡ଼ ଦେଖନ୍ତି ନାହିଁ। ବର୍ଷକରେ ଥରେ ଏ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ତାଙ୍କର ସମସ୍ତ ସନ୍ତାନମାନଙ୍କୁ ଆଶୀର୍ବାଦ କରିବା ପାଇଁ। କିନ୍ତୁ ପାତ୍ରତା ପ୍ରସ୍ତୁତ କରିବା ଆମର କାମ। ଶଙ୍କରାଚାର୍ଯ୍ୟ ଅଦ୍ୱୈତବାଦୀ ଥିଲେ। ସେ ଭାବିଲେ ମା'ଙ୍କୁ ଭକ୍ତି ନକଲେ ଶକ୍ତି ମିଳିବ ନାହିଁ। ତେଣୁ ସେ 'ଭବାନୀ ଅଷ୍ଟକମ୍'ରଚନା କଲେ। ମା' ମୁଁ କୁସଙ୍ଗୀ, ମୋର କୁଦୃଷ୍ଟି ରହିଛି। ମୁଁ କୁଳାଚାର, ମୁଁ କୁପୁତ୍ର, ମାତ୍ର ମା'ତ କେବେ କୁମାତା ନୁହେଁ। କୁପୁତ୍ର ଜାୟତେ କ୍ୱଚିଦପି କୁମାତା ନ ଭବତି। ତେଣୁ ଚାଲନ୍ତୁ ଆମେ ମା'ଦୁର୍ଗାଙ୍କୁ ପୂଜା କରିବା। ସେ ଆମକୁ ଶକ୍ତି ପ୍ରଦାନ କରନ୍ତୁ ଓ ଆମ ଭିତରେ ଥିବା ସମସ୍ତ ଅଜ୍ଞାନ ଅନ୍ଧକାର ଦୂର କରନ୍ତୁ। 'ଓଁ କାତ୍ୟାୟନାୟ ବିଦ୍ମହେ କନ୍ୟକୁମାରି ଧୀମହି, ତନ୍ନୋ ଦୁର୍ଗିଃ ପ୍ରଚୋଦୟାତ୍'। ଆମେ ଆଦିଶକ୍ତି କାତ୍ୟାୟନୀଙ୍କର ଉପଲବ୍ଧି କରିବା। ଆମେ କନ୍ୟାକୁମାରୀଙ୍କର ଧ୍ୟାନ କରିବା, ଦୁର୍ଗା ଆମକୁ ଜ୍ଞାନାଲୋକ ପ୍ରଦାନ କରନ୍ତୁ।

ପ୍ଲଟ ନଂ- ୧୦୮୨/ଡି, ମର୍କଟ ନଗର,
ସିଡିଏ, ସେକ୍ଟର-୬, କଟକ

ବୈକୁଣ୍ଠ ପତିଙ୍କର ଆନନ୍ଦବଜାର

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଖେୟାଲି ଠାକୁରେ ଥରେ ମାନସ କଲେ ଯେଉଁ ଦେବ ଅସୁର ଗୋଷ୍ଠୀ ଅଛନ୍ତି ଏମାନଙ୍କର କଣ ଗୁଣ, କଣ ଅବଗୁଣ ସେମାନଙ୍କୁ ଚେତାଇ ଦେବାକୁ ହେବ। ନିଜେ ନିଜକୁ ନ ସୁଧାରିଲେ କେବେ ପରିସ୍ଥିତି ସୁଧରିବ ନାହିଁ। ଏ ପାଇଁ ପ୍ରଭୁ ଏକ ଆନନ୍ଦ ବଜାରର ଆୟୋଜନ କଲେ। ଖାଇବାରେ ଆନନ୍ଦ ଅଛି ବୋଲି ମୌଳିକ ଶସ୍ୟ, ମୌଳିକ ଶାକସବ୍ଜି ଗୁଡ଼ିକୁ କିପରି ଗୌରୀ ବିଧାନ ସୌରୀ ବିଧାନ ଭୀମ ବିଧାନରେ ଖାଦ୍ୟ ଚବ୍ୟ, ଚୋଷ୍ୟ, ଲେହ୍ୟ, ପେୟ କରାଯିବା ଦରକାର ଓ ପୁଣି ସୁସ୍ୱାଦୁ, ସୁଗନ୍ଧୀ ମହକ ମସଲାଯୁକ୍ତ କରାଯିବ ଏ ପାଇଁ ନିର୍ଦ୍ଦେଶ ଅନ୍ନପୂର୍ଣ୍ଣା ମହାଲକ୍ଷ୍ମୀଙ୍କ ଦପ୍ତରକୁ ନିର୍ଦ୍ଦେଶନାମା ଜାହିର କଲେ। ଅର୍ଚ୍ଚନା ପାଇଁ ବୈକୁଣ୍ଠର ଦୂତମାନେ ଦେବ ଓ ଅସୁର ସମାଜରେ ଜଣ ଜଣ କରି ପ୍ରଭୁଙ୍କ ଭୋଜନ ମଣ୍ଡପ ଆନନ୍ଦ ବଜାର ସ୍ଥଳୀର ଠିକଣା ଓ ସମୟ ଜଣାଇ ଦେଲେ। ଅସୁରମାନେ ତାଙ୍କର ଖାଦ୍ୟ ଲାଳସାର ଭବ ତତସମୟରୁ ଉଦ୍ରେକ ହେବାକୁ ଲାଗିଲା, ଅନେକ ମାଗଣା ପାଇଲେ ମହୁରା ବିଷବି ଖାଇ ଦିଅନ୍ତି। ଏଇମାନେ ଅସୁର ଗୋଷ୍ଠୀର ଅନ୍ତର୍ଭୁକ୍ତ ଅଟନ୍ତି। ଭାତ ପର ବୋଲି ପେଟ ଯେ ପର ନୁହେଁ ଏକଥା ସେମାନେ ବୁଝନ୍ତି ନାହିଁ। ଦେବତାର କି ଆନନ୍ଦର ଉଚ୍ଛ୍ୱାସ ସ୍ୱର ଅନେକ ମିଳି ପ୍ରଭୁଙ୍କର ଗୁଣ ମହିମା ଗାନ କରିବା ଭୁଲିଲେ ନାହିଁ। ସେ ଭାବିଲେ ଆମେତଃ ଦେବତାରେ ଗଣିତ, ନିତ୍ୟ ନିତ୍ୟ କେତେ ରତୁଫଳ ମୂଳ ସୁମିଷ୍ଟ ସ୍ୱାଦିଷ୍ଟ ଭୋଜନ ଲୋକେ ମର୍ତ୍ତ୍ୟରେ ଅର୍ପଣ କରୁଛନ୍ତି ହେଲେ ବ୍ରାହ୍ମଣର ପାଳନକାରୀ ଏକ ଅନନ୍ଦ ବଜାର କରୁଛନ୍ତି ସେଠାକୁ ଗଲେ ସେହି ସେହି ମୌଳିକ ଦ୍ରବ୍ୟର ଯୁକ୍ତି ଯୁକ୍ତ ଭୋଜନ ଦ୍ରବ୍ୟ ହେଲେ ବି ଏଥିରେ ପ୍ରଭୁଙ୍କର କିଛ ଭିନ୍ନ ଉଦ୍ଦେଶ୍ୟ ନିଶ୍ଚ ରହିଛି ପୁଣି ଆମେ ତାକୁ ଦେଖିବୁ ଏ ଆଶାରେ କେତେ ଉପାସନା ଡାକିଲେ ବି ପ୍ରତ୍ୟକ୍ଷ ଦେଖା ମିଳିବା ଦୂରୁହ ହେଲେ ସେ ଡାକୁଛନ୍ତି। ନିଜେ ଦେଖାଯେ ମିଳିବ ଏହାଠାରୁ ପୁଣ୍ୟ ଗର୍ବ ଅଉ କ'ଣ ଅଛି। ଠାକୁରେ ବ୍ୟବସ୍ଥା କରିଛନ୍ତି ଉଭୟ ଦଳକୁ ଭିନ୍ନ ଭିନ୍ନ ସ

ଝିଅ

ସୁଦର୍ଶନ ମହାପାତ୍ର

୧

ଇଂରାଜୀ ମିଡିୟମ ସ୍କୁଲରେ ଝିଅର ନାଁ ଲେଖେଇ ଦେଇଥିଲି। ଓଡ଼ିଆ ମିଡିୟମ ସ୍କୁଲ ଅପେକ୍ଷା ଇଂରାଜୀ ମିଡିୟମ ସ୍କୁଲରେ ପାଠ ପଢ଼ିଲେ ସେ ସ୍ମାର୍ଟ ହେବ ବୋଲି ଧାରଣା ଥିଲା ମୋର।

ତା' ଖାତାରେ ଯେଉଁଦିନ ପଣିକିଆ ଲେଖା ହୋଇଥିବାର ଦେଖିଲି , ମନେ ପଡିଲା ମୋର ପିଲାବେଳର କଥା। ଦୁଇ କେ ଦୁଇ.., ଦୁଇ ଦୁଗୁଣେ ଚାରି.., ଦୁଇ ତିରି ଛଅଟଙ୍କର ଲହରିଆ ସମବେତ ସ୍ୱରରେ ସ୍କୁଲ ଯେମିତି ପୁରିଉଠେ। ଝିଅକୁ ଖାତା ଦେଖାଇ ଆଗ୍ରହରେ ପଚାରି ବସିଲି 'ଏସବୁ ମନେ ରହିଲାଣି ?'

' ଓ ଟେବୁଲ୍ ତ ! ହଁ..' କହି ଆରମ୍ଭ କଲା ' ଟୁ ୱାନ ଯା ଟୁ..., ଟୁ ଟୁ ଯା ଫୋର୍...,ଟୁ ଥ୍ରୀ ଯା ସିକ୍ସ...'

ଏମିତି ଅଜବ ପଣିକିଆ ଡାକ କୁ ରୋକିଲି ଆଉ ତାକୁ ନିଜ ଜ୍ଞାନ ଗାରିମା ଦେଖାଇ ଶିଖାଇଲି ' ଟୁ ଇନଟୁ ୱାନ ଟୁ, ଟୁ ଇନଟୁ ଟୁ ଫୋର୍, କୁ ଇନଟୁ ଥ୍ରୀ ସିକ୍ସ.. ଝିଅ ମୋ କଥାରେ ସମ୍ମତି ନଦେଇ ପୁଣି ଉତ୍ସାହର ସହ ଆରମ୍ଭ କଲା 'ଟୁ ୱାନ ଯା ଟୁ... !'

-' ଚୋପ୍ ! ଝିଅ ଗାଲରେ ବସେଇଲି ଗୋଟିଏ ଚାପୁଡା। ମୋ ଗାଳି ଆଉ ଆଉ ଚାପୁଡା ଖାଇ ତ୍ରସ୍ତ ହରିଣୀ ପରି ମୋ ରାଗ ଜରଜର ମୁହଁକୁ ଚାହିଁଥିଲା। ଲୁହକୁ ଚାପିବାକୁ ଯଥେଷ୍ଟ ଚେଷ୍ଟା କରୁଥିଲା।

ପରଦିନ ସ୍କୁଲକୁ ଯାଇଁ ମିସ୍ କୁ ସବୁକଥା କହିଲି ତ ହସି ହସି ଝିଅ ଠିକ୍ ବୋଲି ଦର୍ଶାଇଲେ। ଲାଜରେ ମୁଁହ ତଳକୁ କରି ଫେରି ଆସିଲି। ସେଦିନ ଝିଅ ଜିଦି ନ କରୁଥିଲେ ବି ତାକୁ ଆଇସକ୍ରିମ ଖାଇବାକୁ ଦେଲି। ବିଚାରି ହୁଏତ ବାପା ଙ୍କ ହାତର ଚାପୁଡା ଭୁଲି ଯାଇଥିବ, ହେଲେ ମୁଁ କି ଭୁଲି ପାରେ... ?

୨

ଝିଅ ସାତବର୍ଷର ହୋଇଥିଲା ସେତେବେଳକୁ। ସେ ଖୁବ୍ ଆକ୍ଟିଭ ଥିଲା। ଆହୁରି ଛୋଟବେଳେ ସେ ବେଶୀ ଟିତୁଥିଲା ଆଉ କମ ଚାଲୁଥିଲା କହିଲେ ଠିକ୍ ହେବ। ବାପା ତାଙ୍କ ଗେହ୍ଲା ନାତୁଣୀକୁ ଶ୍ରଦ୍ଧାରେ 'ଘୋଡି' ବୋଲି ଡାକୁଥିଲେ।

ଷ୍ଟାଣ୍ଡାର୍ଡ ଟୁ ରେ ପଢୁଥିଲା ବେଳେ ସେ ଯେଉଁଦିନ ଆନୁଆଲ ସୋର୍ଟସ ରେ ଭାଗ ନେଇ ଚାରୋଟି କପ୍ ଏବଂ ସାର୍ଟିଫିକେଟ ଆଣି ଘରେ ରଖିଥିଲା ଆମେ କମ୍ ଆଶ୍ଚର୍ଯ୍ୟ ହୋଇ ନାହୁଁ। ବାପା ଏକଥା ଶୁଣି ଚିତ୍କାରଜଣା ସମସ୍ତଙ୍କ ଆଗରେ ନାତୁଣୀ ର କାରନାମା କହିଲେ ମୋ ହଲକ ଶୁଖିଗଲା। ସେ ଯେଉଁ ମାନଙ୍କ ସହିତ ବୁଲାବୁଲି କରୁଥିଲା ସମସ୍ତଙ୍କୁ ପଚାରି ନିରାଶ ହୋଇଥିଲି।

କାହା ପାଖରେ ବସି ଭୋଜି ଖାଇଥିବାର କେହି ଦେଖି ନାହାନ୍ତି ବୋଲି ଜାଣିଲା ବେଳକୁ ରୀନା କାନ୍ଦି କାଟି ଅସ୍ଥିର। ଖୋଜାଖୋଜିରେ ଆହୁରି ଅଧଘଣ୍ଟାଏ କଟି ଯାଇଥିଲା।

ଟିକିଏ ସମୟ ପରେ ନାନୀ ର ସାନ ଯାଆଙ୍କ ସହିତ ଝିଅ ଆସି ମୋ ପାଖରେ ଠିଆ ହେଲା। ' କାହାକୁ କିଛି ନ କହି କୁଆଡେ ଯାଇଥିଲୁ ଏତେ ବେଳ ଯାଏଁ ? କାହା ଘରେ ଥିଲୁ ?' ଝିଅ ଆଖିରେ ଲୁହ ଭର୍ତ୍ତି ହୋଇଗଲା ତ ମୁଁ ଟିକିଏ ନରମି ଗଲି।

ହେଲେ ହତୋତ୍ସାହିତ ହୋଇ ପଡ଼ିଥିଲେ ରୀନା। ରାଗରେ ଚାପୁଡା ଟିଏ ବି କଷିଦେଲେ ନିଜକୁ ଆୟତ୍ତରେ ନରଖି ପାରି।

ଶେଷକୁ କାନ୍ଦୁଣୁ କାନ୍ଦୁଣୁ ହୋଇ ଝିଅ ଯାହା କହିଲା ତା'ର ସାରାଂଶ ହେଲା ଏଇ ଯେ ବର ଆସିବା ସମୟ ହୋଇ ଯାଇଥିଲା। କ'ଣ ଗୋଟିଏ ଜିନିଷ ଆଣିବା ପାଇଁ ନାନୀ ସହିତ ସେ ତାଙ୍କ ଘରକୁ ଯାଇଥିଲା। ସେ ଓ୍ୱାସରୁମ ଯାଇଥିଲା ବେଳେ ନାନୀ ତାକୁ ଭୁଲି ବାହାରୁ କବାଟ ଦେଇ ମଣ୍ଡପକୁ ପଳାଇ ଯାଇଥିଲେ। ସେ ସେଇଠି ର ?ହିଯାଇଥିଲା।

ଭୋଜି ସରିଯାଇଥିଲା। କେତେବେଳୁ। ସମସ୍ତେ ବାହାଘର ପାଇଁ ବ୍ୟସ୍ତ ଥିଲେ।ଝିଅ କ'ଣ ଖାଇବ ବୋଲି ତା ମାଆ ବ୍ୟସ୍ତ ହେଉଥିଲା ବେଳେ ଝିଅ ହସ ହସ ମୁହଁରେ କହିଲା -' ନାନୀଙ୍କ ଘରେ ପାଉଁରୁଟି ଥିଲା;ପାଣି ବୁଡ଼ ?ଇ ଖାଇ ଦେଇଛି। ମୋତେ ଆଉ ଭୋକ ନାହିଁ।' ତା କଥା ଶୁଣି ରୀନା କଇଁ କଇଁ ହୋଇ କାନ୍ଦି ଉଠିଲେ। ଝିଅ ଯାଇଁ ହାଜର ହୋଇ ଯାଇଥିଲା ବେଦୀ ପାଖରେ। ବାହାଘର ଭୋଜିରେ ଚାରିଟା ଆଇସକ୍ରିମ ଆଉ କ'ଣ କ'ଣ ସବୁ ଖାଇବାର ସଂକଳ୍ପ ନେଇ ଆସିଥିବା ଝିଅର କଥା ଭାବି ମୁଁ ଖୁବ୍ ବ୍ୟଥିତ ହୋଇଥିଲି।

୩

ଝିଅ ଟେନଥ ରେ ପଢୁଥିଲା।ଭାଣିଜୀ ବାହାଘରକୁ ଆମେ ଯାଇଥିଲୁ ଭୁବନେଶ୍ୱର। ବାହାଘର କୋଳାହଳ ଆଉ କାମ ଭିତରେ ମୋର ଝିଅ କଥା ମନେ ନଥିଲା।'ଝିଅକୁ ପାଉନାହିଁ' ବୋଲି ରୀନା ଯେତେବେଳେ ଆସି କହିଲେ ସେ ଦଶ କଥା ଶୁଣାଇ ଦେଉଚନ୍ତି ।ତାଙ୍କର ଯେତେବେଳେ ଯାହା ଇଚ୍ଛା ହେବ ସେଇ ଅନୁସାରେ କାମ କରନ୍ତି।ମା' ବୁଢ଼ା ହେଲେଣି ସିନା ମନବଳ ଟାଣ ଥିବାରୁ ଯଥେକଥେ ଚଳିଯା'ନ୍ତି।

କେବେ କେବେ ଅଶାନ୍ତି ଲାଗିଲେ କହି ପକାନ୍ତି,' ଉପର ବରଡ଼। ତଳ ବରଡ଼ା ହସୁଚି, ମଝି ବରଡ଼ା ଥାଇ ବୋଲୁଚି , ତୋ ଦିନ କାଳ ଆସୁଚି'।

ଯେମିତି କର୍ମ ମଣିଷ କରେ ସେ ତା' ପ୍ରତିବଦଳରେ ସେମିତି ପାଇଥାଏ।ବାପା ମା'ଙ୍କୁ ଯେମିତି ଅବହେଳା ପିଲାମାନେ କରିଥାନ୍ତି , ପରମୁହୂର୍ତ୍ତରେ ତାଙ୍କୁ ମଧ୍ୟ ସେମିତି ଭୋଗିବାକୁ ପଡ଼ ?।

ପୁଅମାନେ ଅନେଇ ବସିଚନ୍ତି କେତେବେଳେ ବୁଢ଼ା ମା' ଆରପାରିକୁ ଚାଲିଗଲେ ସଙ୍ଗେସଙ୍ଗେ ଘରଡିହ କେଇମାଣ ଜମି ଭାଗବଣ୍ଟୁଆରା କରି ଆତ୍ମସାତ କରିବେ ।

ସତରେ ଯଦି ମଣିଷ ମରିବା ପରେ ଅର୍ଜିତ ସାଇତା ଧନ ସମ୍ପତ୍ତି, ଅର୍ଥ ଏସବୁ ସାଥୀରେ ନେଇପାରୁଥାନ୍ତା ତା'ହେଲେ ଆଜିକାଲିର ଜନ୍ମିତ ଘୋଡ଼ା ମୁହାଁ ସନ୍ତାନ ଆହୁରି କେତେ କ'ଣ ଆବୋରି ବସନ୍ତା ? କିନ୍ତୁ ଲୋଭ କ'ଣ ଛାଡୁଚି ।

ତଥାପି ଜୀବନର ଶେଷ ନିଃଶ୍ୱାସ ଥିବା ଯାଏଁ ମା' ମନ କ'ଣ ବୁଝୁଚି।

ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ମାନଙ୍କୁ ପାଖରେ ପାଇବାକୁ ମନ ସବୁବେଳେ ଆତୁର ହୋଇ ଉଠୁଚି।

ସବୁଦିନ ଠାକୁର ଘରେ ଧୂପ, ଦୀପ ,ଫୁଲ ତ୍ତଢେଇ ଠାକୁରଙ୍କୁ ଜନ୍ମିତ ସନ୍ତାନ ମାନଙ୍କ ମଙ୍ଗଳ କାମନା କରିବାରେ ବ୍ୟସ୍ତ। ପ୍ରତିଟି କଥାରେ କହନ୍ତି,ସେଇ ଠାକୁରେ ସବୁ ଜାଣନ୍ତି।

ବାରିପଦା,ମୟୂରଭଞ୍ଜ

୮୯୧୭୫୭୧୨୦୨

ତୋ ଦିନ କାଳ ଆସୁଚି

ସୁଚରିତା ମହାନ୍ତି

ବୟସ ବୋଲ ମାନୁନାହିଁ କି ଶରୀର ବୋଲ ମାନୁନାହିଁ। ସମସ୍ତେ ଏବେ ଅବୋଲକରା ସାଜିଲେଣି।

ପୋଥି ପୁରାଣ,ଠାକୁର ଘର,ବାପ, ମାସେଇଁ ବାପାଙ୍କର ସାଇତା ଯେତେ ଅପୂର୍ଣ୍ଣ ସ୍ୱପ୍ନ କେଇଟା ଦିନ ପରେ ମାଟିରେ ମିଶିଯିବ।କେହି ନଥିବେ କହିବାକୁ,କି କେହି ଆଉ ଡାକି ବେନି ଆସରେ ଘରଆଡ଼ ? ଟିକେ ବୁଲାବୁଲି କରି ଯିବ ।

ଦେହ ଅବସ ହେଲାଣି ।ଆଖି ଯୋଡ଼ିକ ମୁଦି ହେଇ ଆସୁଚି। ବୋଧେ ବୟସ ଏବେ ଶେଷ ସନ୍ଧ୍ୟାରେ ପାଦ ଥାପିଲାଣି। କର୍ପୂର କେଉଁ କାଳରୁ ଉଡ଼ି ଗଲାଣି,କନା ଖଣ୍ଡେ ଯାହା ପଡ଼ି ରହିଚି ।ଘରର ବୁନିଆଦିକୁ ଜନ୍ମିତ ଘୋଡ଼ାମୁହାଁ ସନ୍ତାନ ସ୍ୱାହା କରିସାରିଲେଣି।

କିଏ ଆଉ ଆସିବେ, କାହିଁକିବା ଆସିବେ।କେବଳ ସମ୍ପତ୍ତି,ଆଉ ବାପାଙ୍କ ଅନ୍ତେ କେତେ କ'ଣ ପାଉଥିବା ପେନସନ ଗଣ୍ଡାକ ଉପରେ ସମସ୍ତଙ୍କର ଆଖି ।ଭାଗବଣ୍ଟୁଆରା ହୋଇଗଲେ କଥା ସରିଲା ।

କିଏ କାହାର ।ଦେଖାଣିଆ ସମ୍ପର୍କରେ ଲାଭ କ'ଣ।ଆଜିକାଲି ସ୍ୱାର୍ଥପର ଦୁନିଆଁରେ ପୁଅଝିଅ ସେତିକି କେବଳ ଚାହାନ୍ତି।

ସେମାନେ ବାପାମାଆଙ୍କର ଭଲମନ୍ଦ ବୁଝିବାକୁ ଅସମର୍ଥ।ସେମାନଙ୍କର ପାଖରେ ଯାଇ କିଛି ସମୟ ରହିବାକୁ ସମୟ ନାହିଁ।

ବ୍ୟସ୍ତ ବହୁଳ ଜୀବନ ବିତାଉଥିବା ପିଲାମାନେ ଭୁଲି ଯା'ନ୍ତି ସେମାନଙ୍କୁ, ଏ ସୁନ୍ଦର ପୃଥିବୀକୁ ଦେଖାଇ ମଣିଷ କରିଥିବା ଦୁଇଟି ମଣିଷ ଆମ ପିତାମାତା।ଯେ କି ନିଜକୁ ପାଶୋରି ଦେଇ,ନିଜେ ନାନା କଷ୍ଟଣ ସହି ଆମକୁ ମଣିଷ କରି ବଞ୍ଚିବାର ରାହା ଦେଖେଇଚନ୍ତି।

ହାତ ଧରି ବାଟ ଅବାଟ ଚିହ୍ନାଇ ଚାଲିବା ଶିଖାଇଚନ୍ତି ।

ସେଇ ବାପାମାଆ ଯେତେବେଳେ ବାର୍ଦ୍ଧକ୍ୟର କ୍ରୁରତାକୁ ସହି ନପାରି ବାପରେ ଧନରେ କହି ପାଖକୁ ଡାକନ୍ତି ସେତେବେଳେ ସେମାନେ କେତେ ଆଳ ଦେଖାଇ ତାଙ୍କଠାରୁ ଦୂରେଇ ରହନ୍ତି।

ବୟସର ଉଦ୍ଦାମତା ଯୋଗୁଁ ଭୁଲିଯାନ୍ତି ବାପାମାଆଙ୍କ ତ୍ୟାଗକୁ ।

କହିଲେ, କୁଳ କୁଟୁମ୍ବକୁ ଲାଜ',। ବଂଶ ମର୍ଯ୍ୟାଦା ଭୁଲି ତାଙ୍କ ଯେଝା ବାଟେ ରହିଲେ ।

ଦିନେ ନାହିଁ କି କାଳେ ନାହିଁ ଫୋନ୍ କରି ବୁଢ଼ୀ ମା'ର କଥା ବୁଝିବ କିଏ ।

ବୁଢ଼ୀ ମା' ଗାଁରେ ପଡ଼ିଚନ୍ତି,ପେନସନ ଗଣ୍ଡାକ ନଥିଲେ ପୁଅଝିଅ ଗୁହ ଗୋବର ଖୁଆଇ ଦେଇଥାନ୍ତେ।

କେତେ ପୂନେଇ ପର୍ବ ଆସୁଚି ପୁଣି ଚାଲିଯାଉଚି ହେଲେ ଘରଟା ସବୁବେଳେ ଖାଁ ଖାଁ ଲାଗୁଥାଏ ।

ପିଲା ଛୁଆଙ୍କର ପୁରିଲା ଘରଟି ଏବେ ଯେମିତି ଭୂତକୋଠି ହେବାକୁ ବସିଲାଣି। ସମସ୍ତଙ୍କ ବାହାଘୋଟ କଥା ଶୁଣି ଶୁଣି ବାପା ଆରପାରିକୁ ଖସୁଚି,ତଳ ବରଡ଼ା ହସୁଚି, ମଝି ବରଡ଼ା ଥାଇ ବୋଲୁଚି , ତୋ ଦିନ କାଳ ଆସୁଚି'।

ଯେମିତି କର୍ମ ମଣିଷ କରେ ସେ ତା' ପ୍ରତିବଦଳରେ ସେମିତି ପାଇଥାଏ।ବାପା ମା'ଙ୍କୁ ଯେମିତି ଅବହେଳା ପିଲାମାନେ କରିଥାନ୍ତି , ପରମୁହୂର୍ତ୍ତରେ ତାଙ୍କୁ ମଧ୍ୟ ସେମିତି ଭୋଗିବାକୁ ପଡ଼ ?।

ପୁଅମାନେ ଅନେଇ ବସିଚନ୍ତି କେତେବେଳେ ବୁଢ଼ା ମା' ଆରପାରିକୁ ଚାଲିଗଲେ ସଙ୍ଗେସଙ୍ଗେ ଘରଡିହ କେଇମାଣ ଜମି ଭାଗବଣ୍ଟୁଆରା କରି ଆତ୍ମସାତ କରିବେ ।

ସତରେ ଯଦି ମଣିଷ ମରିବା ପରେ ଅର୍ଜିତ ସାଇତା ଧନ ସମ୍ପତ୍ତି, ଅର୍ଥ ଏସବୁ ସାଥୀରେ ନେଇପାରୁଥାନ୍ତା ତା'ହେଲେ ଆଜିକାଲିର ଜନ୍ମିତ ଘୋଡ଼ା ମୁହାଁ ସନ୍ତାନ ଆହୁରି କେତେ କ'ଣ ଆବୋରି ବସନ୍ତା ? କିନ୍ତୁ ଲୋଭ କ'ଣ ଛାଡୁଚି ।

ତଥାପି ଜୀବନର ଶେଷ ନିଃଶ୍ୱାସ ଥିବା ଯାଏଁ ମା' ମନ କ'ଣ ବୁଝୁଚି।

ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ମାନଙ୍କୁ ପାଖରେ ପାଇବାକୁ ମନ ସବୁବେଳେ ଆତୁର ହୋଇ ଉଠୁଚି।

ସବୁଦିନ ଠାକୁର ଘରେ ଧୂପ, ଦୀପ ,ଫୁଲ ତ୍ତଢେଇ ଠାକୁରଙ୍କୁ ଜନ୍ମିତ ସନ୍ତାନ ମାନଙ୍କ ମଙ୍ଗଳ କାମନା କରିବାରେ ବ୍ୟସ୍ତ। ପ୍ରତିଟି କଥାରେ କହନ୍ତି,ସେଇ ଠାକୁରେ ସବୁ ଜାଣନ୍ତି।

ବାରିପଦା,ମୟୂରଭଞ୍ଜ

୮୯୧୭୫୭୧୨୦୨

ଭିତିଭୂମି

ଆଦ୍ୟାଶା ମହାପାତ୍ର

ଉଷର ମାଟିର ଛାତି ଚିରି
ଆମେ ଫଳାଉ ଶସ୍ୟ
ତଥାପି ଆମେ ନିରନ୍ନ
ଖରାରେ ଶିଝି, ଝାଳରେ ଭିଜି
ଆମେ ତୁମ ପାଇଁ ତୋଳୁ ଘର
ହେଲେ ଆମେ ବାସହୀନ
ଆମେ ହାତରେ ତୁଳା ଭିଣି
ସୂତା କାଟି ଲୁଗା ବୁଣୁ
ଖାସ୍ ତୁମ ପାଇଁ,
ତୁମ ପସନ୍ଦ ନେଇ
ହେଲେ ଆମେ ନିବସ୍ତ୍ର
ଆମ ପରିଶ୍ରମର ଫଳ
ତୁମ ପାଇଁ ଲୋଭିଲା ଜାମୁକୋଳି
ଅକପଟରେ ଯାଚିଦେଲୁ ତୁମକୁ
ସୁନ୍ଦର ସମ୍ପର୍କଟେ ଗଢିବା ପାଇଁ
ହେଲେ ତୁମେ ମାଗି ବସିଲ
ସେଇ ଜାମୁକୋଳି ରଙ୍ଗର
କଲିଜା ଆମର
ତୁମ ମିଠା ଜିଭର ତୃଳୀରେ
ତଥାପି ଆଙ୍କି ଚାଲିଛ
ରଙ୍ଗୀନ ସ୍ୱପ୍ନ
ହେଲେ ପରିଣାମ ସ୍ୱରୂପ
ଆମେ ଭୋଗିନୁ କି
ଦେଶାନ୍ତରୀ ଦୁଃଖ
ପିନ୍ଧିନୁ କି ଦାଦନ ଶିରିପା
ସାଜିନୁ କି
ତୁମ ଐଶ୍ୱର୍ଯ୍ୟ ଭୋଗର ଭିତିଭୂମି..!

ନୂଆପଡା, କଟକ

ସୁନା ହରିଣୀ

ସ୍ନିଗ୍ଧାମୟୀ ରାଉତ

କୃଷ୍ଣଚୂଡ଼ାର ଶାଖାରେ କେତେ ବା
ଖୋଜୁଥିବି ଖାଲି ସୁଖ
ବସନ୍ତ ମଳୟେ ପତ୍ରଝଡ଼ା ଦେଇ
ଆବୋରିଛି ମନେ ଦୁଃଖ ।
ମନ ଆଇନାରେ ଚାହେଁ ଯଦି ଏବେ
ନିଜକୁ ଲାଗୁଛି ଡର
ଚମକି ପଡ଼ି ମୁଁ ବନ୍ଦ ଦିଏ ମୁଦି
ଭାବେ ମୁଁ ନୁହଁଇ ମୋର ।
ଦୁନିଆ ଯାକର ଯେତେ ପାପ ପୁଣ୍ୟ
ମୋ ଦେହେ ହୋଇଣ ଠୁଳ
ଅସହିଷ୍ଣୁତାର ଆଲୋଡ଼ନେ ଦେହ
ଅଳିନ୍ଦେ କାଟନ୍ତି ବେଳ ।
ମାନ ଅଭିମାନେ ବ୍ୟଥିତ ମନକୁ
କହେ ପ୍ରବୋଧନା ଦେଇ
ପ୍ରଳୟର ରୂପ ପ୍ରଲମ୍ବିତ ନୁହେଁ
ଶୁଖି ଆସିଲାଣି ନଈ ।
କେତେ ଦିନ ଆଉ ଅନିର୍ବଚନୀୟ
ଭାବନାରେ ଥିବି ଜଡି
କମନୀୟ ରୂପ ଧୂଆଁରେ ଉଡ଼ଇ
ଦହନେ ଯାଏ ମୁଁ ବୁଡି ।
ଘଟରେ ଘାଟରେ ମାଟି ପିଣ୍ଡ ଦେହେ
ଅନ୍ଧାର ଆସଇ ଘୋଟି
ତଥାପି ଆଲୋକପାନର ତୃଷ୍ଣାରେ
ଶୁଷ୍କ ହୋଇ ଆସେ ତୋଟି ।
ସମୟର ସୁନା ହରିଣୀ ପଛରେ
ଧାଇଁ ପାରୁନାହିଁ ପାଦ
ଜୀବନ ଅବଧି ଲକ୍ଷ୍ମଣ ରେଖାଟା
ନିତି କରେ ତା'ରେ ବାଦ ।

ସାଉଥ୍ ବଲଣ୍ଡା, ତାଳଚେର
ମୋ - ୮୮୯୫୧୬୩୩୦୨

ସମ୍ପର୍କର ସନ୍ଧିକ୍ଷଣ

ଉମେଶ ଚନ୍ଦ୍ର ପାତ୍ର

ସମୟ ଆବର୍ତ୍ତ ?
ପ୍ରତି କ୍ଷଣ ସାଥେ
ବିଶ୍ୱର କୋଣେ ଅନୁକୋଣେ
ନିରବ୍ଦିଷ୍ଟ ନାଟକ
ଅଭିନୟର ପ୍ରସ୍ତୁତିର ମଧୁର ସମାପନେ
ପୂର୍ବରୁ ଯାହା ହୋଇଛି ସ୍ଥିର
ଅୟମାରମ୍ଭ କାଳେ ମହାଭାରତର
କେଶବ ବଚନ ଧର୍ମର ନୀତି
ବିଶ୍ୱ ଚରାଚର
ଜନଙ୍କୁ ଗୋଚର
ସମୟକୁ ସଦା କରେ ଅପେକ୍ଷା
ଘଟଣାର ଯୋଗ୍ୟ ଅବତାରଣା
ସୁଖଦ ଦୁଃଖଦ ପ୍ରତି ଘଟଣା
ସହି ଭାଗ୍ୟର କରେ ପ୍ରତୀକ୍ଷା ।
ତଥାପି
କିଏ ଫାଙ୍କି ଚାଲେ ବର୍ତ୍ତମାନକୁ
କିଏ ବା ସରଳ ପଣରେ
ନିଷ୍ପାପ ମନରେ
ଭାବନାର ପ୍ରତି ମୁହୂର୍ତ୍ତରେ
ହୃଦୟରେ ପ୍ରଣୟର ଦୀପଟେ ଜାଳିଛି
ନିଜ ହୃଦୟକୁ
ନିଜ ଜୀବନକୁ
ସାଥୀ ପାଶେ ବନ୍ଧକ ରଖିଛି
ଇପ୍ସିତ ହୃଦୟ ଭିତରେ
ନିଜ ହୃଦୟକୁ ସଯତ୍ନରେ ଥାପି ଦେଇଛି
ରୋମାଞ୍ଚରେ ପ୍ରତିକ୍ଷିତ ଶିହରି ଉଠୁଛି
ଈଶ୍ୱରଙ୍କ ସାନ୍ନିଧ୍ୟରେ ନିଜକୁ ପାଉଛି
ବିଦଗ୍ଧ ବିମୁଗ୍ଧ
ପ୍ରେମଭାବେ ତଲ୍ଲୀନ ହେଉଛି ।
ବୁଜିଦେଲେ ଆଖି
ପରମାନନ୍ଦର ଉତ୍ସ
ଅନ୍ତରରେ ଅନୁଭବ
ସ୍ୱର୍ଗ ସ୍ୱର୍ଗୀୟ ଶାଶ୍ୱତ
ସମର୍ପଣ ସନ୍ଧିକ୍ଷଣେ
ସେ ଐଶ୍ୱର୍ଯ୍ୟବନ୍ତ ।
ଭ୍ରମରର ସନ୍ଧାନୀ ପରାଣେ
ପ୍ରଣୟୀର ହୃଦପଦ୍ମ ମକରନ୍ଦ ସ୍ଫୁରଣେ
ଅହରହ ଧାଇଁ ଯାଏ
ଅସ୍ଥିର ମନ ଚାହୁଁଥାଏ
ପାଖୁଡ଼ା ଖୋଲିଲେ
ମଧୁ ପାନ କରି ଗୁଣୁଗୁଣୁ ଗାଇଯିବ
ସୂର୍ଯ୍ୟାସ୍ତ ସମୟ ଜ୍ଞାନ ହଜିଯିବ
ପାଖୁଡ଼ା ପହଡ଼ ପଡ଼ିଗଲେ
ରାତିସାରା ପ୍ରିୟାର ପାଶେ ରହିଯିବ ।
ବାହୁ ବନ୍ଧନରେ ଥାଇ
ଓଠ ଚୁମୁଥିବ ବିଭୋର ହୋଇ
ସକାଳେ ତା'ର ଖୋଲିଲେ ଆଖି
ପାଖୁଡ଼ା ଭିତରେ ନିଜକୁ ଦେଖି
ଲାଜରେ ସନ୍ତାପେ ମନ
ଗୁଞ୍ଜନ ଭରା ମତ୍ତ ଜୀବନ
ଧନ୍ୟ ହୋଇବ ମଦନ ସମ
ଯେମିତି ଅତନୁ ରତିର ସାଥେ
କାମଦେବ ରୂପ ଧରି ଚାଲିଥାଏ ପ୍ରଣୟ ପଥେ
ଭାବେ ସେମିତି ସମୟ ଯାଉ
ମିଳନ ହୃଦରେ ମନରେ ହେଉ
ଭାବନାର ସେହି ସନ୍ଧିକ୍ଷଣେ
କରେ କାମନା
ଏହି ଜନମରେ
ସୁଖର ଝରଣା ସତତ ବହୁ
ଜନ୍ମ ଜନ୍ମାନ୍ତର ସମ୍ପର୍କ ଅତୁଟ ରହୁ ।

ଛତିଆ
ଯାଜପୁର
ମୋ - ୯୮୫୩୫୮୯୪୩୨

ତୁମେ

ରତ୍ନକାନ୍ତି ମିଶ୍ର

ବିଭାବରୀ ସମାଗମେ
ତୁମେ ଜ୍ୟୋସ୍ନାୟିତ
ତୁମ ପାଇଁ ନୂଆ ଲାଗେ
ପ୍ରତିଟି ପ୍ରଭାତ ॥
ମଳୟ ଠୁ ସ୍ନିଗ୍ଧ ତୁମେ
ଜ୍ୟୋସ୍ନା ଠୁ ଶୀତଳ
ନଦୀ ଠାରୁ ଛଳଛଳ
ଫୁଲଠୁ କୋମଳ ॥
ଓଠ ତୁମ ପାରିଜାତ
ସ୍ୱର ମିଠା କୁହୁ
ଚାଲି ତୁମ ରାଜହଂସୀ
କଥା ସତେ ମହୁ ॥
ଛୁଆଁ ତୁମ ମତୁଆଲା
ମାଦକତା ଭରା
ଚାହାଣି ତୁମର ନମ୍ର
ଅସ୍ତରାଗ ପରା ॥
ମନ ଉପବନେ ତୁମେ
ସଜ ଫୁଟା ଫୁଲ
ପ୍ରେମାଷ୍ପଦେ ପୁଲକିତ
ପ୍ରଜାପତି ତୁଲ ॥
ପ୍ରତିଟି ପଂକ୍ତିରେ ତୁମେ
ଅଟ ମୋ ଭାବନା
ପ୍ରତି ରାଗେ ତୁମେ ମୋର
ମଧୁର ମୂର୍ଚ୍ଛନା ॥

ଆଳି, କେନ୍ଦ୍ରାପଡା

ଅନେକ ଦୂରତା ଅଛି

ନିରଞ୍ଜନ ସାହୁ

ତୁମେ କହିପାର ହୃଦୟକୁ ଖୋଲି
ମନତଳ କଥା ଯେତେ
ମୁଁ କହିପାରେନି ସତକଥା ସବୁ
ତୁମ ପରି ଖୋଲି ସେତେ ।
ତୁମେ କରିପାର ସବୁକିଛି କାମ
ବାଛବିଚାର ନ କରି
ମୁଁ ଅବଶ୍ୟ କିଛି କାମ କରୁଥାଏ
ଚିନ୍ତା ଚେତନାକୁ ଧରି
ତୁମ ପରି ମୁହିଁ ସରଳ ହୁଏନା
ଜଟିଳ ବି ନୁହେଁ ଏତେ ।
ତୁମ ମୋ ଭିତରେ ଅନେକ କ୍ଷେତ୍ରରେ
ପାର୍ଥକ୍ୟ ତ ଦେଖାଦିଏ
ତଥାପି ତ ପରସ୍ପର ବୁଝାମଣା
ସମାଧାନ କରିନିଏ
ନିରେଖି ଦେଖିଲେ ଆମରି ଭିତରେ
ଚିନ୍ତନ ଦୂରତା କେତେ ?

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩

ସାବିତ୍ରୀ ବ୍ରତ

ସୁନୀଲ କୁମାର ପ୍ରଧାନ

ପ୍ରତି ଜ୍ୟେଷ୍ଠ ମାସେ ପାଳିତ ଏ ବ୍ରତ
ମହାନ ଅଟେ ପରବ
ସତ୍ୟବାନ ସାବିତ୍ରୀଙ୍କ ଉପାଖ୍ୟାନ
ରହିଛି ସୁନ୍ଦର ଭାବ ।
ସତୀ ସାବିତ୍ରୀ ଯେ ନିଜ ନିଷ୍ଠା ବଳେ
ଯମପୁର ଚଳିଗଲେ
ଧର୍ମଦେବ ଠାରୁ ସ୍ୱାମୀର ପରାଣ
ଭକ୍ତି ଭାବେ ଆଣିଥିଲେ ।
ସଂପୂର୍ଣ୍ଣ ଦିନଟି ପତିଙ୍କ ନିମନ୍ତେ
ପାଳନ କରଇ ନାରୀ
ସଂସାର ବାରତା ବହୁ ଦେଉଥାଏ
କାହାଣୀ ରହିଛି ଭରି ।
ଦେବାଳୟ ଯାଇ ପତି ଦେବଙ୍କର
ଆୟୁଷ କାମନା କରି
ଶୁଭ ବାର୍ତ୍ତା ନେଇ ଶୁଭ ମନାସନ୍ତି
ଯୁଗ ଯୁଗ ପାଇଁ ବରି ।
ବାପାଙ୍କ ଘରରୁ ବହୁ ନାନା ଦ୍ରବ୍ୟ
ଝିଅଙ୍କ ପାଇଁ ପଠାନ୍ତି
ଶଙ୍ଖା ଓ ସିନ୍ଦୁର ଯୋଗାଡ଼ ସହିତ
ପୂଜା ସାମଗ୍ରୀ ଦିଅନ୍ତି ।
ଦେବୀ ସାବିତ୍ରୀଙ୍କ ମହାନ୍ ଏ ଭକ୍ତି
ଯୁଗ ଯୁଗ ପାଇଁ ଅଛି
ଆଜିବି ନିଷ୍ଠାରେ ପାଳନ କରନ୍ତି
ପରମ୍ପରା ଏ ରହିଛି ।

ଝାଟିପଦର, ପାଲୁର,ଗଞ୍ଜାମ
*ମୋ - ୭

ମୋ ଓଡ଼ିଶା

ରି-କରେଣ୍ଟ ମିସକ୍ୟାରେଜ

ମା' ହେବା ନାରୀ ଜୀବନର ସବୁଠୁ ସୁଖଦ ଅନୁଭବ ହୋଇଥାଏ। କିନ୍ତୁ କିଛି ମହିଳା ଏଥିରୁ ବଞ୍ଚିତ ହୋଇଥାନ୍ତି। ଗର୍ଭପାତ ଏକ ଏପରି ଘଟଣା ଯାହାର ସାମ୍ନା କରିବା ଓ ସେଥିରୁ ବାହାରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇଥାଏ। ବିଶେଷକରି ସେହି ମହିଳାଙ୍କ ପାଇଁ ଯେଉଁମାନେ ଏହି ପର୍ଯ୍ୟାୟ ଦେଇ ବାରମ୍ବାର ଗତି କରିଥାନ୍ତି। ବାରମ୍ବାର ହେଉଥିବା ଏହି ଗର୍ଭପାତକୁ ରି-କରେଣ୍ଟ ମିସକ୍ୟାରେଜ ବୋଲି କୁହାଯାଏ। ମିସକ୍ୟାରେଜ ବା ଗର୍ଭପାତ କୌଣସି ମହିଳା ପାଇଁ ସହଜ ହୋଇନଥାଏ। ଗର୍ଭାବସ୍ଥାର ଆରମ୍ଭରୁ ହିଁ ନାରୀର ଗର୍ଭସ୍ଥ ଭ୍ରୂଣ ସହିତ ଏକ ନିବିଡ଼ ସମ୍ପର୍କ ଯୋଡ଼ି ହୋଇଯାଇଥାଏ ଏବଂ ଏପରି ସ୍ଥିତିରେ ଗର୍ଭପାତର ଯନ୍ତ୍ରଣା ସହିବା ଖୁବ କଷ୍ଟସାଧ୍ୟ ହୋଇଥାଏ। ଅନେକ ମହିଳାଙ୍କର ରି-କରେଣ୍ଟ ମିସକ୍ୟାରେଜ ଭଳି ସମସ୍ୟା ଦେଖାଦେଇଥାଏ। ରି-କରେଣ୍ଟ ମିସକ୍ୟାରେଜର ଲକ୍ଷଣକୁ ଚିହ୍ନିବା ବେଳେ ବେଳେ କଷ୍ଟକର ହୋଇପଡ଼େ କାରଣ ଗର୍ଭାବସ୍ଥାର ପ୍ରାରମ୍ଭିକ ଅବସ୍ଥାରେ ଏହା ହୋଇଥାଏ। ତେବେ ରି-କରେଣ୍ଟ ମିସକ୍ୟାରେଜ କଣ ଓ ଏହା କାହିଁକି ଘଟେ ତାହା ଜାଣିବା ନିହାତି ଦରକାର, ଯେପରି ସମୟ ଥାଉ ଥାଉ ଏହାର ଚିକିତ୍ସା କରାଯାଇପାରିବ।

ରି-କରେଣ୍ଟ ମିସକ୍ୟାରେଜ ସମ୍ଭାବ୍ୟ କାରଣ: ପ୍ରତ୍ୟେକ ମହିଳାଙ୍କ ଗର୍ଭାଶୟ ଶାରୀରିକ ଗଠନ ଭିତ୍ତିରେ ଭିନ୍ନ

ହୋଇଥାଏ। ଯାହାଦ୍ୱାରା ସେମାନଙ୍କ ଗର୍ଭ ଧାରଣ ସମ୍ଭାବନା କମ ବା ବେଶୀ ହୋଇପାରେ। ବେଳେ ବେଳେ ଗର୍ଭାଶୟର ଅସ୍ୱାଭାବିକ ଆକୃତି ଓ ଗର୍ଭାଶୟର ଦୁର୍ବଳତା ମଧ୍ୟ ଗର୍ଭପାତର କାରଣ ହୋଇପାରେ। ଗର୍ଭପାତ ସରଭାଇକଲ, ଫ୍ରାଇବ୍ରଏଡ, ଗର୍ଭାଶୟରେ ଆଘାତ କିମ୍ବା ଜନ୍ମଗତ ସମସ୍ୟା ଗର୍ଭପାତର ଆଶଙ୍କା ବଢ଼ାଇ ଦେଇଥାଏ। ଅନେକ ସମୟରେ ଗର୍ଭାଶୟରେ ରକ୍ତ ଜମାଟ ବାନ୍ଧିବା କାରଣରୁ ବି ଗର୍ଭପାତ ହୋଇପାରେ। ଏହାକୁ ଡାକ୍ତରୀ ଶବ୍ଦରେ ଆଣ୍ଟିଫାସ୍ଫୋଲିପିଡ଼ ସିଣ୍ଡ୍ରୋମ କୁହାଯାଏ। ଏହା ବ୍ୟତୀତ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଏଥିପାଇଁ ଦାୟୀ ଅଟେ। ହର୍ମୋନାଲ ସମସ୍ୟା ମଧ୍ୟ ବାରମ୍ବାର ହେଉଥିବା ଗର୍ଭପାତର କାରଣ ହୋଇପାରେ। ଶରୀରରେ ପ୍ରୋଜେଷ୍ଟେରନର ଅଭାବ ଗର୍ଭପାତର ଆଶଙ୍କା ବଢ଼ାଇଦିଏ। ଏହା ବ୍ୟତୀତ ଏଲିବେଟିଡ ପ୍ରୋଲେକ୍ଟିନ, ଇନ୍ସୁଲିନ ରେଜିସଟେନ୍ସ ଏବଂ ଥାଇରଏଡ ଡିସଅର୍ଡର ମଧ୍ୟ ରି-କରେଣ୍ଟ ମିସକ୍ୟାରେଜର କାରଣ ହୋଇପାରେ। ବେଳେ ବେଳେ ବାରମ୍ବାର ହେଉଥିବା ଗର୍ଭପାତର କାରଣ ବଂଶାନୁଗତ ମଧ୍ୟ ହାଇପାରେ। ମହିଳା ବା ପୁରୁଷଙ୍କ ପରିବାରରେ ହୋଇଥିବା ଗର୍ଭପାତ ମଧ୍ୟ ଏହାସହ ଯୋଡ଼ି ହୋଇପାରେ। ସାଧାରଣ ଭାବେ ଏହି ବଂଶାନୁଗତ କାରଣର ସମ୍ଭାବପନା ଖୁବ କମ ଥାଏ। ରି-କରେଣ୍ଟ ମିସକ୍ୟାରେଜକୁ ହାଲୁକା ଭାବେ ନିଅନ୍ତୁ ନାହିଁ। କିନ୍ତୁ ସଠିକ ସମୟର ଚିକିତ୍ସା କରି ଏହାକୁ ରୋକାଯାଇପାରିବ। ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରି ଏହାକୁ ବିଭିନ୍ନ ମାଧ୍ୟମରେ ଉପଚାର କରିହେବ।

ଆନ୍ତର୍ଜାତୀୟ ସଂଖ୍ୟାଲଘୁ ଅଧିକାର ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଆନ୍ତର୍ଜାତୀୟ ସଂଖ୍ୟାଲଘୁ ଅଧିକାର ଦିବସ ଭୁବନେଶ୍ୱରର ଗୀତଗୋବିନ୍ଦ ସଦନ ଠାରେ ପାଳିତ ହୋଇଯାଇଛି। ଓଡିଶା ସଂଖ୍ୟାଲଘୁ ସଂପ୍ରଦାୟ ତରଫରୁ ଆୟୋଜିତ ଓ ବିଜେଡି ଭୁବନେଶ୍ୱର ଜିଲ୍ଲା ଉପସଭାପତି ମୁଶାରଫ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନୀତ ଅତିଥି ଭାବେ ଓଡିଶା ସଂଖ୍ୟାଲଘୁ ସଂପ୍ରଦାୟର ଅଧ୍ୟକ୍ଷ ତଥା ଆଇନଜୀବୀ ଡଃ ହାସନ ଖାନ୍, କର୍ପୋରେଟର ଆଏସା ବେଗମ୍, ବାପୁଜୀ ନଗର ଚାମ୍ବର୍ସ ଅଫ୍ କମର୍ସର ସଭାପତି ମିର ମହମ୍ମଦ ଖାନ୍, ସମାଜସେବୀ ମିର୍ଜା ରିୟାଜ ବେଗ୍, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ରାଜ୍ୟ ଉପସଭାପତି ଅବତାର ସିଂ ଭୁର୍ଜୀ, ପୂର୍ବତନ କର୍ପୋରେଟର ନିଜାମ ଉଦ୍ଦିନ୍, ଆଇନଜୀବୀ ସମରେନ୍ଦ୍ର ସାହୁ , ଲୀନା ନନ୍ଦିତା ପରିଡା, ହବିଉଲ୍ଲା ଖାନ୍, ଦିଲଦାର ଖାନ୍, ଏମ୍ ଆର ଖାନ୍ ପ୍ରମୁଖ ଯୋଗଦେଇ ସଂଖ୍ୟାଲଘୁ ମାନଙ୍କର ଅଧିକାର ବିଷୟରେ ଆଲୋଚନା କରିଥିଲେ। ସଂଖ୍ୟାଲଘୁ କମିଶନ ଗଠନ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଏଲ୍ ପି ଟିମ୍ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସଂପ୍ରଦାୟର ଆବାହକ ବାବୁ ରାଜା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସିପିଆଇର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପିଏନ୍)–ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୯୭ତମ ପ୍ରତିଷ୍ଠା ଦିବସ ସମାରୋହ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭଗବତୀ ଭବନ ପ୍ରାଙ୍ଗଣରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପାର୍ଟିର ଲାଲ୍ ପତାକାକୁ ଉତ୍ତୋଳନ କରି ୧୯୨୫ ଡିସେମ୍ବର ୨୬ ତାରିଖରେ କାନପୁରଠାରେ କିଭଳି କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାକୁ ରକ୍ଷା କରିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟିର ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ବରିଷ୍ଠ ନେତା ଦିବାକର ନାୟକ ଉଦ୍‌ବୋଧନ ଦେଇ ପାର୍ଟିର ୯୭ବର୍ଷର ତ୍ୟାଗ ଓ ସଂଗ୍ରାମର ଗୌରବୋଜ୍ଜ୍ୱଳ ଇତିହାସ ସମ୍ପର୍କରେ ଆଲୋଚନା କରିବା ସହିତ ସ୍ୱାଧୀନତା ସଂଗ୍ରାମର ଅଗ୍ନିଗର୍ଭରୁ ଜାତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦେଶର ଖଟିଖିଆ ଓ ମଧ୍ୟବିତ୍ତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ କିଭଳି ଅହରହ ସାଲିସ୍‌ବିହୀନ ସଂଗ୍ରାମ ଚଳାଇଆସିଛି, ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ସମାରୋହରେ ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମିୟ ମହାନ୍ତି, ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ମାୟାଧର ନାୟକ, ସତୀଶ ମିଶ୍ର, ରାଜ୍ୟ ପରିଷଦ ସଭ୍ୟ ବିଜୟ ମହାନ୍ତି ଓ ଉତ୍କଳ ମହିଳା ସମିତିର ସୁବାସିନୀ ଭଦ୍ର, ନୂଆ ଦୁନିଆ ସମ୍ପାଦକମଣ୍ଡଳୀ ସଭ୍ୟ ରମେଶ ପ୍ରଧାନ, କୈଳାସ ପୁହାଣ, ସର୍ବେଶ୍ୱର ମାଥିଆ, ଶରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ମାଙ୍କଡ଼ ଆକ୍ରମଣରେ ମହିଳା ମୃତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଉତରପ୍ରତାପ ଗ୍ରାମର ଅରକ୍ଷିତ ପ୍ରଧାନଙ୍କ ପତ୍ନୀ ଶାନ୍ତିଲତା ପ୍ରଧାନ (୫୬) ମାଙ୍କଡ଼ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ରୋଷେଇ କରିବା ପାଇଁ ସେ ମଧ୍ୟାହ୍ନରେ ପରିବା କାଟୁଥିଲେ । ଏହି ସମୟରେ ପରିବା ନେବାପାଇଁ କେତେକ ମାଙ୍କଡ଼ ହଠାତ୍ ଘର ଭିତରକୁ ପଶି ଆସି ଟଣାଭିଡ଼ା କରିଥିଲେ। ଶାନ୍ତିଲତା ମାଙ୍କଡ଼ ମାନଙ୍କୁ ଘଉଡ଼ାଉଥିବା ବେଳେ ଏକ ଦନ୍ତାମାଙ୍କଡ଼ ତାଙ୍କୁ ଚାପୁଡ଼ା ମାରିବା ସହ ଠେଲି ଦେଇଥିଲା। ଶାନ୍ତିଲତା ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ କଟକ ଯିବା ରାସ୍ତାରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା । ପୂର୍ବରୁ ମାଙ୍କଡ଼ ମାନଙ୍କ ଆକ୍ରମଣରେ ଗ୍ରାମର ୧୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି । ଏ ସଂପର୍କରେ ଗ୍ରାମବାସୀ ପ୍ରଶାସନ ଓ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି । ମାତ୍ର କେହି ଏଥିପ୍ରତି ଦୃଷ୍ଟି ଦେଲେନାହିଁ । ଫଳସ୍ୱରୂପ ମାଙ୍କଡ଼ଙ୍କ ପାଇଁ ଆଜି ଜଣେ ମହିଳାଙ୍କ ଅକାଳ ମୃତ୍ୟୁ ହେଲା ବୋଲି ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି । ମୃତା ଶାନ୍ତିଲତା ଜଣେ ଗରିବଶ୍ରେଣୀୟ ମହିଳା ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

ଶୀତଦିନେ ସାବୁନ ଓ ଫେସୱାସର ବ୍ୟବହାର କମ କରନ୍ତୁ

ଶୀତଦିନେ ଦେହକୁ ଆରାମ ଦେଲେ ମଧ୍ୟ ଶରୀର ପାଇଁ ବିଭିନ୍ନ ସମସ୍ୟା ଆଣିଥାଏ। ବିଭିନ୍ନ ଲୋକଙ୍କ ଠାରେ ଭିନ୍ନ ଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ ଏହି ଋତୁରେ। ବିଶେଷକରି ସାବୁନ ଓ ଫେସୱାସ ତ୍ୱଚାର ଶୁଷ୍କତାକୁ ବଢ଼ାଇବା ସହ ବହୁ ସମସ୍ୟା ଡାକିଆଣେ। ତେବେ କେମିତି ଏସବୁର ସମାଧାନ କରିପାରିବେ ଚାଲନ୍ତୁ ଜାଣିବା।

ପ୍ରଶ୍ନ : ଶୀତଦିନ ଆସିବା ମାତ୍ରେ ମୋର ଓଠ ଏବଂ ମୁହଁ ଚମଡ଼ା ରୁକ୍ଷ ହୋଇଯାଏ। ବିଶେଷକରି ଓଠ ଫାଟି ରକ୍ତ ବାହାରେ। ନଡ଼ିଆ ତେଲ, ଗ୍ଲିସେରିନ୍ ଲଗାଇଲେ ବି କିଛି ଲାଭ ହୁଏନାହିଁ। କ'ଣ କଲେ ଶୀତଦିନେ ମୋ ଓଠ ଆଉ ଫାଟିବ ନାହିଁ?

ଉତ୍ତର : ଓଠ ନଫାଟିବା ପାଇଁ ନିୟମିତ ୪/୫ ଥର ଭେସଲିନ ଲଗାନ୍ତୁ। ଓଠରେ ଜିଭ ଲଗାନ୍ତୁ ନାହିଁ। ଯଦି ତେଲ ଲଗାଇବା ପରେ ମଧ୍ୟ ମୁହଁ ଫାଟୁଛି, ତେବେ କୌଣସି ଭଲ କମ୍ପାନୀର ମଏଶ୍ଚରାଇଜର ବ୍ୟବହାର କରନ୍ତୁ। ଆଉ ସାବୁନ ଓ ଫେସୱାସର ବ୍ୟବହାର କମ କରନ୍ତୁ। ଏହା ଶୀତଦିନେ ତ୍ୱଚାକୁ ଅଧିକ ଶୁଷ୍କ କରିଥାଏ।

ପ୍ରଶ୍ନ : ହାଲୁକା ଶୀତ ଅନୁଭବ ହେଲା ମାତ୍ରେ ମୋ ପାଦ ତଳର ତ୍ୱଚା ଫାଟି ରକ୍ତ ବାହାରେ। ଚଲାବୁଲା କରିବାରେ ସମସ୍ୟା ହୁଏ। ମୁଁ ଭେସଲିନ, ଗ୍ଲିସେରିନ ଲଗାଏ। ରାତିରେ ଶୋଇବା ବେଳେ ନଡ଼ିଆ ତେଲ ମାଲିସ କରେ। ତଥାପି ସମସ୍ୟା କମେ ନାହିଁ। କ'ଣ କରିବି ?

ଉତ୍ତର : ଏହି ସ୍ଥିତିରେ ନିୟମିତ ପାଦରେ ମୋଜା ପିନ୍ଧନ୍ତୁ। ଖାଲି ପାଦରେ ଚାଲନ୍ତୁନାହିଁ। ଅଧିକ ସାବୁନ ବା ସର୍ଫ ପାଣି ପାଦରେ ବାଜିବାକୁ ଦିଅନ୍ତୁ ନାହିଁ। ରାତିରେ ଶୋଇବା ପୂର୍ବରୁ ପାଦରେ ଭେସଲିନ କିମ୍ବା ରନ୍ଧା ନଡ଼ିଆ ତେଲ ମାଲିସ କରି ଶୁଅନ୍ତୁ। ପାଦ ଫାଟିବା କମିଯିବ।

ପ୍ରଶ୍ନ : ଶୀତ ଆସିଲା ମାତ୍ରେ ମୋ କେଶ ରୁକ୍ଷ ହୋଇଯାଏ। କିନ୍ତୁ ଅଧିକ କଷ୍ଟ ଦିଏ ରୂପି ଏବଂ ମୁଣ୍ଡର ଇନଫେକସନ। ଏଥିରୁ କିପରି ମୁକ୍ତି ପାଇବି ?

ଉତ୍ତର : ଫଙ୍ଗାଲ ଇନଫେକସନ ଦୂର କରିବା ପାଇଁ ସପ୍ତାହକୁ ଦୁଇଥର କୌଣସି ଆଣ୍ଟି ଫଙ୍ଗାଲ ଶାମ୍ପୋ ବ୍ୟବହାର କରନ୍ତୁ। କେଶରେ କମ ତେଲ ଲଗାନ୍ତୁ। ମୁଣ୍ଡ ସଫା କରିବା ପୂର୍ବଦିନ ରାତିରେ ତେଲ ଲଗାଇ ସକାଳୁ ସଫା କରିନିଅନ୍ତୁ। କେଶରେ ଅଧିକ ସମୟ ତେଲ ରହିବାକୁ ଦିଅନ୍ତୁ ନାହିଁ।

ପ୍ରଶ୍ନ : ଶୀତଦିନେ ସନ୍ଧ୍ୟା ସମୟରେ ବାହାରକୁ ବାହାରିଲା ମାତ୍ରେ ମୋର ସମଗ୍ର ଶରୀର କୁଣ୍ଢେଇହେଲା ଭଳି ଲାଗେ। ଘରକୁ ଆସି ଧୁଆଧୁଇ ହୋଇଗଲେ କମିଯାଏ। ଦିନ ଅପେକ୍ଷା ରାତିରେ ଏହି ସମସ୍ୟା ଅଧିକ ହୁଏ। ଏପରି ହେବାର କାରଣ କ'ଣ ?

ଉତ୍ତର : କିଛି ଲୋକଙ୍କର ଚର୍ମ ଅତ୍ୟଧିକ ସ୍ପର୍ଶକାତର ହୋଇଥାଏ। ସେମାନଙ୍କ ଠାରେ ଏଭଳି ସମସ୍ୟା ଦେଖା ଦେଇଥାଏ। ଏହି ସମସ୍ୟାର କୌଣସି ଘରୋଇ ଉପଚାର ନାହିଁ। ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। ଆପଣଙ୍କ ସମସ୍ୟା ଦୂର ହୋଇଯିବ।

ପାଣି ପମ୍ପ ଚୋରୀ ବେଳେ ଚାଷୀଙ୍କ ହାତରେ ଧରା ପଡିଲା ଚୋର

ଚମ୍ପୁଆ (ପିଏନ୍): ଚମ୍ପୁଆ ବ୍ଲକ ଅନ୍ତର୍ଗତ ସରେଇ ପଂଚାୟତର ଟୁଣୁଟୁଣାଠାରେ ଗତ ୧୭ ତାରିଖ ରାତି ୨ ଘଟିକା ସମୟରେ ଘର ବାରଣ୍ଡାରୁ ପାଣି ପମ୍ପ ଚୋରୀ କରୁଥିବା ବେଳେ ଚାଷୀମାନେ ଜଣେ ଚୋରକୁ ଧରି ପୋଲିସର ଜିମା ଦେଇଥିବା ଜଣାଯାଇଛି। ସୂଚନା ଅନୁସାରେ ଟୁଣୁଟୁଣାଠାରେ ଥିବା ଉଠା ଜଳସେଚନ ପଏଂଟ ନୋ-୪ର ଦୁଇ ଗୋଟି ମୋଟର ଉକ୍ତ ପାଣି ପଂଚାୟତର ଚାଷୀ ପ୍ରଦୀପ ନାଏକଙ୍କ ଘର ବାରଣ୍ଡାରେ ରହିଥିଲା। ଅଭିଯୋଗ ଅନୁଯାୟୀ ଚୋରମାନେ ରାତି ୨ଟା ବେଳେ ଉକ୍ତ ବାରଣ୍ଡାରୁ ଗୋଟାଏ ମୋଟର ନେଇ ଯାଉଥିବା ସମୟରେ ପ୍ରଦୀପ ନାଏକଙ୍କ ସ୍ତ୍ରୀ ଘରୁ ବାହାରକୁ ଆସି ଡାକ ପକାଇବାରୁ ସ୍ଥାନୀୟ ଘରର ଲୋକମାନେ ଚୋରଙ୍କୁ ଦୌଡାଇଥିଲେ ଏବଂ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଚୋରମାନେ ଛାଡିଯାଇଥିବା ଟିଭିଏସ ଭିକ୍ଟୋର ମୋଟର ସାଇକେଲ ସହ ନମ୍ବର ବିହିନ ଏକ ଟିଭିଏସ ଲୁନାକୁ ଜବଦ କରିଥିଲେ। ଧରାପଡିଥିବା ଚୋରନାମ ମିରଜମାମ ଶେଖ ଘର ମୁର୍ସିଦାବାଦ ବୋଲି ଚାଷୀଙ୍କୁ ଚୋରଟି କହିଥିଲା ଏବଂ ଦୁଇ ଜଣ ଚୋର ଉକ୍ତ ସ୍ଥାନରୁ ଦୌଡି ପଳାଇବାରେ ସକ୍ଷମ ହୋଇଥିଲେ। ଏ ନେଇ ପାଣି ପଂଚାୟତ ସଭାପତି ପୁରୁଷତମ ନାଏକ ଚମ୍ପୁଆ ଥାନାରେ ଅଭିଯୋଗ କରିବା ସହିତ ପୋଲିସକୁ ଜିମା ଦେଇଥିଲେ। ସୂଚନା ଯୋଗ୍ୟକି ବାହାର ରାଜ୍ୟରୁ ବିଭିନ୍ନ ଜିନିଷ ବିକ୍ରି ପାଇଁ ଓଡିଶା ମଧ୍ୟକୁ ଯୁବକମାନେ ପ୍ରବେଶ କରୁଥିଲେ ମଧ୍ୟ ଏମାନଙ୍କ ପ୍ରତି ପ୍ରଶାସନିକ ଅଙ୍କୁଶ ନଥିବାରୁ ଏଭଳି ଘଟଣା ଘଟୁଥିବା ବୁଦ୍ଧିଜିବୀମାନେ ମତ ଦେଇଛନ୍ତି। ଅନ୍ୟ ପକ୍ଷରେ ଦୁଇ ଦିନ ତଳେ ଚମ୍ପୁଆ ବ୍ଲକର ରଙ୍ଗାମାଟିଆ ପଂଚାୟତର ରରୁଆଁଠାରୁ ୩ ଗୋଟି ପାଣି ମୋଟର ଚୋରୀ ହୋଇଯାଇଥିଲେ ମଧ୍ୟ ବର୍ତମାନ ସୁଦ୍ଧା ଏହାର ସୁରାକ ମିଳିପାରିନାହିଁ।

ଧଉଳି ସାହିତ୍ୟ ସଂସଦର ଶୀତ ଆସର ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): କୌଶଲ୍ୟାଗଙ୍ଗ ସ୍ଥିତ ସିପା ପ୍ରେକ୍ଷାଳୟରେ ଧଉଳି ସାହିତ୍ୟ ସଂସଦର ଶୀତ ଆସର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ପ୍ରାଣରୂପାନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ପଉଶରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କବିତା ସମ୍ପର୍କିତ ଆଲୋଚନା କରିଥିଲେ ଡ. ଅଜୟ ସ୍ୱାଇଁ, ଡ. ରଜନୀ ରଞ୍ଜନ, ଦିଲ୍ଲୀପ ସୁବୁଦ୍ଧି, ଦିବାକର ମାନସିଂହ, ଡ. କାଳନ୍ଦୀ ସାହୁ, ମାଧବ ବେହୁରା, ବଙ୍କିମ ଚନ୍ଦ୍ର ନାୟକ ଏବଂ ଲକ୍ଷ୍ମୀଧର ପ୍ରଧାନ। କବିତା ଗୁଡ଼ିକୁ ସଂଯୋଜନା କରିଥିଲେ ବିପିନ୍ ବେହେରା ଏବଂ ଆଶୁତୋଷ ଦାସ। ଏହି ଅବସରରେ କବି କୈଳାସ ବେହେରାଙ୍କ କବିତା ପୁସ୍ତକ 'ଆଞ୍ଜୁଳାଏ ଜହ୍ନରାତି' ଲୋକାର୍ପିତ ହୋଇଥିଲା। ଜୟଦେବ ସଙ୍ଗୀତର ଗାୟକ ବିଜୟରାମ ତ୍ରିପାଠୀ ଗୀତ ଗୋବିନ୍ଦ ସହ ଆଉ କିଛି ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ଅନୁଷ୍ଠାନର ସଭାପତି କବି ଅକ୍ଷୟ ସ୍ୱାଇଁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ସଂସଦର ପ୍ରମୁଖ ସଦସ୍ୟ ସୁମନ୍ତ କୁମାର ସୁବୁଦ୍ଧି ଓ ସବିତା ମହାପାତ୍ର।

ହାତ ଧରିଲେ ଗୁଡ୍‌ଲି

ଭୁବନେଶ୍ୱର (ପିଏନ୍)–ଓଡ଼ିଆ ସିନେ ଜଗତର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଶ୍ରୀ ଗୁଡ୍‌ଲି ରଥ ଓଡ଼ିଶା ପ୍ରଭାରୀ ଡ. ଏ ଚେଲ୍ଲୁ କୁମାରଙ୍କ ଉପସ୍ଥିତିରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ଦଳରେ ଯୋଗଦାନ କଲେ। ଡ. ଏ ଚେଲ୍ଲୁ କୁମାର ଓ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଶ୍ରୀ ରଥ ଏବଂ ସୁନାମଧନ୍ୟା କଣ୍ଠଶିଳ୍ପୀ ପମି ମିଶ୍ର, ରଶ୍ମିତା ସାହୁ ଏବଂ କାକଟପୁର ନିର୍ବାଚନ ମଣ୍ଡଳୀର ସ୍ୱଚ୍ଛଲିପ୍ସା ମହାନ୍ତି, ବିଶ୍ୱଜିତ ଲେଙ୍କାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଗଣେଶ୍ୱର ବେହେରା, ବିଧାୟକ ସୁରେଶ କୁମାର ରାଉତରାୟ, ଶସନ୍ତୋଷ ସିଂ ସାଲୁଜା, ରାଜନ ଏକ୍କା, ଅଧିରାଜ ମୋହନ ପାଣିଗ୍ରାହୀ, ରମେଶ ଜେନା ଓ ବହୁ କଂଗ୍ରେସ ନେତୃବର୍ଗ ଉପସ୍ଥିତ ଥିଲେ।

ଉତ

ମୂର୍ତି ପୂଜା : ଧର୍ମ ଉପାସନାର ମାର୍ଗ

ଦେବଦତ୍ତ ବିଶ୍ୱାଳ

ମନୁଷ୍ୟ ସମାଜରେ ଯେତେଗୋଟି ଧର୍ମ ପ୍ରଚଳିତ ଅଛି ତାହା ମଧ୍ୟରୁ ଅଧିକାଂଶ ପ୍ରତିମା ପୂଜା ବା ପିତୁଳା ପୂଜାକୁ ସ୍ୱୀକାର କରିଛନ୍ତି । ସର୍ବଶକ୍ତିମାନ, ସର୍ବ ବିଦ୍ୟମାନ ଈଶ୍ୱରଙ୍କ ଅସ୍ତିତ୍ୱକୁ ସୀମିତ ବୁଦ୍ଧି ଜ୍ଞାନଦ୍ୱାରା କଳନା କରିବା ସହଜସାଧ୍ୟ ନୁହେଁ। ସେଥିପାଇଁ ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟାଙ୍କୁ ଗୋଟିଏ ଫଟୋ, ମୂର୍ତି ବା ପ୍ରତୀକ ମଧ୍ୟରେ କଳ୍ପନା କରି ତାଙ୍କର ପୂଜା ଆରାଧନା କରିବା, ପ୍ରାଥମିକ ସ୍ତରର ଭକ୍ତମାନଙ୍କ ପାଇଁ ଏକ ସୁଗମ ପନ୍ଥା। ଅବଶ୍ୟ ଭକ୍ତି ବଳରେ ଜଡ଼ ଚୈତନ୍ୟ। ଏକାକାର ହୋଇଯାଏ। ନିର୍ଗୁଣ, ନିରାକାର, ପରଂବ୍ରହ୍ମ ଭକ୍ତର ଭାବରେ ଭୋଳ ହୋଇ ସଗୁଣ ସାକାର ରୂପ ପରିଗ୍ରହ କରନ୍ତି। ମୀରାବାଈଙ୍କର ଗିରିଧର ଗୋପାଳ, ସନ୍ଥ ତୁଳସୀ ଦାସଙ୍କର ଇଷ୍ଟଦେବତା କୋଦଣ୍ଡପାଣି ଶ୍ରୀରାମ, ପ୍ରତ୍ୟକ୍ଷ ରୂପରେ ଆବିର୍ଭୁତ ହୋଇଛନ୍ତି। ଆମ ହିନ୍ଦୁ ଧର୍ମରେ ମୂର୍ତି ପୂଜାକୁ ଧର୍ମ ଉପାସନାର ମାର୍ଗ ଭାବେ ବର୍ଣନା କରାଯାଇଛି । ଈଶ୍ୱରଙ୍କ ପ୍ରତି ନିଜର ଭକ୍ତି ଓ ଶ୍ରଦ୍ଧାକୁ ଦର୍ଶାଇବାର ଏକ ମାଧ୍ୟମ ଭାବେ ମୂର୍ତିପୂଜାକୁ ଗ୍ରହଣ କରାଯାଇଛି । ଈଶ୍ୱର ପ୍ରାପ୍ତି ପାଇଁ ଭକ୍ତି ମାର୍ଗକୁ ଅନୁସରଣ କରୁଥିବା ପ୍ରତ୍ୟେକ ହିନ୍ଦୁ ମୂର୍ତିପୂଜାରେ ବିଶ୍ୱାସ ରଖିଥାଏ । ଈଶ୍ୱର ସବୁବେଳେ ଆମ ସହ ଅଛନ୍ତି ମୂର୍ତି ପୂଜା ତାର ଏକ ପ୍ରମାଣ । ମୂର୍ତିପୂଜା ଦ୍ୱାରା ବ୍ୟକ୍ତିର ଏକାଗ୍ରତା ବୃଦ୍ଧି ପାଇଥାଏ । ଏହା ତାକୁ ଈଶ୍ୱରଙ୍କ ନିକଟତର କରାଇଥାଏ । ନୀରବତାର ସହ ଈଶ୍ୱରଙ୍କ ସଂପର୍କ ରକ୍ଷା କରିବା ପାଇଁ ମୂର୍ତିପୂଜା ସର୍ବଶ୍ରେଷ୍ଠ ଅଟେ । ମୂର୍ତିପୂଜା ଜଣେ ଭକ୍ତକୁ ତାର ପ୍ରକୃତ ସ୍ଥିତି ସଂପର୍କରେ ଜଣାଇଦିଏ । ଶରୀର ନଶ୍ୱର ଅଟେ ଓ ଆତ୍ମା ହିଁ ଚିରନ୍ତନ ଅଟେ ବୋଲି ଏହା ଭକ୍ତକୁ ଜଣାଇଦିଏ । ସାଧାରଣତଃ ହିନ୍ଦୁମାନେ ମନ୍ଦିରରେ ଓ ଘରେ ମୂର୍ତିପୂଜା କରିଥାଆନ୍ତି । ତେବେ ମନ୍ଦିରରେ ଓ ଘରେ କରାଯାଉଥିବା ମୂର୍ତିପୂଜା ମଧ୍ୟରେ ପାର୍ଥକ୍ୟ ରହିଛି । ମନ୍ଦିରରେ ସାଧାରଣତଃ ଆମେ ବିଶାଳକାୟ ମୂର୍ତି ଦେଖିବାକୁ ପାଇଥାଉ । ଏହା ମନରେ ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଓ ଆକର୍ଷଣ ସୃଷ୍ଟି କରିଥାଏ । ଶାସ୍ତ୍ର ଅନୁସାରେ ବସି କରି ବା ଠିଆ ହୋଇ ଶୃଙ୍ଗାର କରି ପୂଜା କରାଯାଇପାରୁଥିବା ମୂର୍ତି ପୂଜା ହିଁ ଫଳପ୍ରଦ ହୋଇଥାଏ । ତେବେ ପୂଜା ପୂର୍ବରୁ ମୂର୍ତି ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ । ମୂର୍ତି ପୂଜାକେତେକ ନୀତି ରହିଛି ଯାହାକୁ ସମସ୍ତେ ଅନୁକରଣ କରିବା ଉଚିତ । ଶାସ୍ତ୍ର ଅନୁସାରେ ଘରେ ଦୁଇଟି ଶିବଲିଙ୍ଗ, ତିନିଟି ଗଣେଶ ମୂର୍ତି, ଦୁଇଟି ଶାଳଗ୍ରାମ, ଦୁଇଟି ଗୋମତୀ ଚକ୍ର, ତିନିଟି ଦୁର୍ଗା ମୂର୍ତି ରଖିବା ଉଚିତ ନୁହେଁ । ସେହିପରି ପୂଜା ସ୍ଥଳରେ ଥିବା ପୋଡ଼ା ଜଳା ଓ ଭଙ୍ଗା ଉପକରଣ ବିସର୍ଜନ କରିଦେବା ଆବଶ୍ୟକ । ସେହିପରି ପୂଜା ସମୟରେ ଦିଗ ନିର୍ଣୟ ମଧ୍ୟ ମହତ୍ୱପୂର୍ଣ୍ଣ ଅଟେ । ମନ୍ତ୍ର ଉଚ୍ଚାରଣ ଓ ଅନ୍ୟାନ୍ୟ ବିଧି ସହ ମୂର୍ତିରେ ଦେବତ୍ୱର ସଞ୍ଚାର ପରେ ଏହାକୁ ପୂଜା କରାଯାଏ । ତେଣୁ ପ୍ରତିମା ଦେହରେ ପରମେଶ୍ୱର ପ୍ରତ୍ୟକ୍ଷ ଭାବେ ରୂପ ପରିଗ୍ରହ କରି ପ୍ରାଥମିକ ସ୍ତରରେ ଭକ୍ତ ସହିତ ପାର୍ଥିବ ଲୀଳାଖେଳା କରିଥାନ୍ତି।

ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,

ବାଂଶପାଣି ରେଳସାଇଡିଂରେ ୨ ଗୋଷ ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

ଡାମେଜ କ ୍ଟାଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୨ ଆଇପିସି ଧାରରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧିବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଚ୍ଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳ ରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ୱାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି। ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମୁକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍ତ୍ୱାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୂରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

ଜାତୀୟ ସ୍ତରର କୁଡୋ ପ୍ରତିଯୋଗିତା ବିଜେତା କପରେ ବ୍ରୋଞ୍ଜ ପଦକ ହାସଲ କଲେ ପ୍ରିସ୍କିଲା

ଖୋର୍ଦ୍ଧା(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ରବି ନାରାୟଣ ନାଗ ଓ କବିତା ନାୟକଙ୍କ ଝିଅ ପ୍ରିସ୍କିଲା ଜାତୀୟ ସ୍ତରର କୁଡୋ ପ୍ରତିଯୋଗିତାର ବିଜେତା କପର ତୃତୀୟ ବାର୍ଷିକ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରି ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାଟି ୧୬ ବର୍ଷରୁ କମ ବର୍ଗର ଯୁବକ/ଯୁବତୀ ମାନଙ୍କୁ ନେଇ ମହାରାଷ୍ଟ୍ର ରାଜ୍ୟର ପୁନେ ଜିଲ୍ଲାର ଫୁଲଗାଁ ଠାରେ ଆୟୋଜିତ ଛଅ ଦିନ ଧରି ଚାଲିଥିବା କୁଡୋ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏପରିକି ପୂର୍ବରୁ କୋଚ୍ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରିସ୍କିଲା ଓଡ଼ିଶାରେ ରାଜ୍ୟ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଯିଏ କି ଭୁବନେଶ୍ୱର ସ୍ଥିତ କେଦାର ଗୌରୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ନବମ ଶ୍ରେଣୀରେ ଅଧ୍ୟୟନରତ ଥିବା ବେଳେ ସୁନ୍ଦରପଦା ସ୍ଥିତ ବାପୁଜୀ କ୍ଲବ ପରିସରରେ କୁଡୋ ଖେଳର ପ୍ରଶିକ୍ଷଣ ନେଉଛନ୍ତି। ଯାହାକୁ ନେଇ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମାନେ ଶୁଭେଚ୍ଛା ଜଣାଇଛନ୍ତି ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Sunday May 25 | ଭୁବନେଶ୍ୱର ରବିବାର, ୨୫, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

ମୃତ ଡିଏଲଆର କର୍ମଚାରୀ ଙ୍କ ପରିବାରକୁ ପାରାଦୀପ ପୋର୍ଟ ଡିଏଲଆର ଆସୋସିଏସନ ର ସହାୟତା

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରରେ ଡିଏଲଆର କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନୃସିଂହ ଚରଣ ଦାସ ଙ୍କର ଆକସ୍ମିକ ମୃତ୍ୟୁରେ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏସନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ତାଙ୍କ ଆତ୍ମାର ସଦଗତି ନିମନ୍ତେ ସାମୁହିକ ପ୍ରାର୍ଥନା କରାଯାଇଥିଲା କ୍ଷ ସ୍ୱର୍ଗତ ନୃସିଂହ ଦାସ ଙ୍କ ଏକାଦଶ କାର୍ଯ୍ୟରେ ଆସୋସିଏସନ ର ସଭାପତି ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱରେ ଉପସଭାପତି ରତ୍ନାକର ଜେନା, କାର୍ଯ୍ୟକାରୀ ସଭାପତି ପରେଶ ଚନ୍ଦ୍ର ମୁର୍ମୁ, ସଭ୍ୟ ପ୍ରଶାନ୍ତ କୁମାର ମିଶ୍ର, ଧନେଶ୍ୱର ସାହୁ, ଅନନ୍ତ କିଶୋର ମଲ୍ଲିକ, ମନ୍ମଥ କୁମାର ବେହୁରା, ସୁରେନ୍ଦ୍ର ବେହେରା ପ୍ରତାପ କୁମାର ମଲ୍ଲିକ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନରହରି ସାହୁ, ବାସୁଦେବ ଜେନା ପ୍ରମୁଖ ତାଙ୍କ ଗ୍ରାମ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଅନ୍ତର୍ଗତ ଜୁଣଗଡି ସ୍ଥିତ ବାସଭବନ ଠାରେ ପହଞ୍ଚି କାର୍ଯ୍ୟକ୍ରମ ରେ ଯୋଗଦେଇ ସଙ୍ଘ ପକ୍ଷରୁ ତାଙ୍କ ପତ୍ନୀ ବିଦୁଲତା ଦାସ ଙ୍କୁ ଶୁଦ୍ଧି କର୍ମ ପାଇଁ ୨ଲକ୍ଷ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ କ୍ଷ ଏହି ସହାୟତା କୁ ଗ୍ରହଣ କରି ବିଦୁଲତା ଦାସ ଡିଏଲଆର ଆସୋସିଏସନ ର ସଭାପତି ପ୍ରକାଶ ତ୍ରିପାଠୀ ଓ ସମସ୍ତ ସଭ୍ୟ ମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।

ଗଜପତିର ଡେଙ୍ଗାପୁଟି ଗ୍ରାମରେ ଉତ୍କଟ ଜଳ ସଙ୍କଟ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲାରେ ପ୍ରଚଣ୍ଡ ରୌଦ୍ରତାପ ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଏଭଳି ସ୍ଥିତିରେ ଉତ୍କଟ ଜଳ ସଙ୍କଟ ଲୋକଙ୍କୁ ଆହୁରି ଅତିଷ୍ଠ କରୁଛି। ଗଜପତି ଜିଲ୍ଲାର ମୋହନା ବ୍ଲକ ଅନ୍ତର୍ଗତ ଡେଙ୍ଗାପୁଟିବାସୀ ଗ୍ରାମରେ ପିଇବା ପାଣିର ଘୋର ସଙ୍କଟ ଦେଖା ଦେଇଛି। ଲୋକେ ଗ୍ରାମ ଠାରୁ ୨ କିମି ଦୂରରେ ଥିବା ଏକ ପାହାଡିଆ ନାଳର ପାଣିକୁ ପିଇବା ପାଣି ରୂପେ ବ୍ୟବହାର କରି ଆସୁଛନ୍ତ। ଏଭଳି ସମସ୍ୟା ଦେଖିବାକୁ ମିଳିଛି ମୋହନା ବ୍ଲକ୍ ଖାରିଗୁଡ଼ା ପଞ୍ଚାୟତ ଡେଙ୍ଗାପୁଟି ଗାଁରେ। ୩୨ ଗୋଟି ଆଦିବାସୀ ପରିବାର ଥିବା ଏହି ଗ୍ରାମରେ ଜନସଂଖ୍ୟା ପ୍ରାୟ ୨ ଶହରୁ ଅଧିକ। ପିଇବା ପାଣି ପାଇଁ ଗାଁରେ କେବଳ ୨ଟି ନଳକୂପ ଅଛି। ଗୋଟିଏରେ ଅଳ୍ପ ପାଣି ବାହାରୁଥିବା ବେଳେ ଅନ୍ୟଟିରେ ବାହାରୁଛି ଲୌହ ଯୁକ୍ତ ଗୋଳିଆ ପାଣି। ଯଦ୍ୱାରା ଏହା ବ୍ୟବହାର ଯୋଗ୍ୟ ନୁହେଁ । ନଳକୂପ ମରାମତି ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଥିବା ଏକ ନାଳ ପାଣି ବ୍ୟବହାର କରୁଥିବା ଗ୍ରାମବାସୀମାନେ ପ୍ରକାଶ କରି କହିଛନ୍ତି ବହୁବାର ପ୍ରଶାସନକୁ ନିବେଦନ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅତି ତୁରନ୍ତ ଜିଲ୍ଲା ପ୍ରଶାସନ ପିଇବା ପାଣି ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।ଘଟଣା ନେଇ ମୋହନା ବିଡିଓ ରାଜୀବ ଦାସଙ୍କୁ ପଚାରିବାରେ ସେ କହିଛନ୍ତି ଖୁବ ଶୀଘ୍ର ନଳକୂପ ମରାମତି କରାଯାଇ ଲୋକଙ୍କ ସମସ୍ୟା ଦୂର କରାଯିବ।

ବିରିପଟା ଗ୍ରାମର ଶିକ୍ଷକ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ଯାଜପୁର,(ପି.ଏନ): ଦଶରଥପୁର ବ୍ଲକ ବିରିପଟା ଗ୍ରା.ମର ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରାଉତଙ୍କର ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ବିଶିଷ୍ଟ ସାରସ୍ୱତ ସଂଗଠନ ଓ ସାମଜସେବୀ ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ବିରିପଟାସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ବିୟୋଗରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସଭାର ପ୍ରାରମ୍ଭରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ ହୃଷିକେଶ ପତି ଗୀତାପାଠ କରିଥିଲେ। ସ୍ୱର୍ଗତ ପୂର୍ଣ୍ଣସାର୍ କେବଳ ବିରିପଟା ନୁହେଁ ସିଂହପୁର, ମଙ୍ଗଳପୁର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଆଦି ଅ ଳରେ ମଧ୍ୟ ଜଣେ ନାଟ୍ୟ ନିର୍ଦ୍ଦେଶକ ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ। କେବଳ ଶିକ୍ଷାଦାନ ଛାତ୍ରଛାତ୍ରୀଙ୍କୁ ଉଚ୍ଚାସୀନ କରାଇବାରେ ଯଥେଷ୍ଟ ଭୂମିକା ଅର୍ଜନ କରି ପାରିବ ନାହିଁ। ସେଥିପାଇଁ କଳାତ୍ମକ ଅଭିବ୍ୟକ୍ତିର ଆବଶ୍ୟକତା ନିହାତି ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରୁଥିଲେ। ସେ ନିଜ ଘର ନିକଟରେ କଳିଙ୍ଗ ଯୁବବାହିନୀ ଗଠନ କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଦୟାବନ୍ତ, ଆଦର୍ଶ ଛାତ୍ରବତ୍ସଳ ଶିକ୍ଷକ ଭାବରେ ବେଶ୍ ସୁନାମ ଅର୍ଜନ କରିଥିଲେ। ସ୍ଥାନୀୟ ଅ ଳର ବିକାଶରେ ସେ ଜଣେ ଅଗ୍ରଦୂତ ଥିଲେ ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଗୋଟିଏ ସ୍ମରଣିକା ପ୍ରକାଶ କରିବାକୁ ଆଲୋଚନା କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯାଜପୁର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଚଂଚିତା ରାଉତ, ଅନନ୍ୟା ସାହିତ୍ୟ ସଂସଦର ବରିଷ୍ଠ କର୍ମକ ୀ ସୁବାସ ଚନ୍ଦ୍ର ମହାପାତ୍ର, ସମାଜସେବୀ ବିଜୟ କୁମାର ଧଳ, ଆଇନଜୀବୀ ରମଣୀ ରଂଜନ ସାହୁ, ଆଇନଜୀବୀ ଆଲୋକ କୁମାର ଦାସ, ଆଇନଜୀବୀ ଶ୍ରୀକାନ୍ତ ମହାପାତ୍ର, ରମଣୀ ରଂଜନ ତ୍ରିପାଠୀ, ଜଗବଂଧୁ ଜେଠୀ, ନରେନ୍ଦ୍ର କୁମାର ସାହୁ, ଗଣେଶ ସାହୁ, ହରେକୃଷ୍ଣ ଜେନା, ଭାଗୀରଥୀ ବାରିକ, ମନୋଜ କୁମାର ଧଳ, ଭାଗ୍ୟଶ୍ରୀ ରାଉତ, ପୀତବାସ ସାମଲ, ବାମଦେବ ରାଉତ, ଅକ୍ଷୟ କୁମାର ଧଳ, ଜିତେନ୍ଦ୍ର କୁମାର ବାରିକ, ପ୍ରଭାସ୍ କୁମାର ରାଉତ, ପ୍ରକାଶ କୁମାର ରାଉତ, ପ୍ରତାପ ରାଉତ, ଅବିନାଶ ରାଉତ, ପ୍ରତୀକ ରାଉତ, ଅର୍ପିତା ରାଉତ, ମମତା ରାଉତ, ପ୍ରକାଶ ଧଳ, ରୀନାରାଉତ ପ୍ରମୁଖ ସ୍ମୃତିଚରଣ କରିଥିଲେ।

ଗଜପତିର ମହେନ୍ଦ୍ରଗିରି ଜୈବ ବିବିଧତା ଐତିହ୍ୟ ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,(ପି.ଏନ): ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ୨୦୨୫ ଅବସରରେ ପାରଳାଖେମୁଣ୍ଡି ବନ ବିଭାଗ ଦ୍ୱାରା ମହେନ୍ଦ୍ରଗିରି ଜୈବ ବିବିଧତା ଐତିହ୍ୟ ଅଞ୍ଚଳର ଶିଖର ଉପରେ ଏକ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଶ୍ରୀ କେ. ନାଗରାଜୁ ଆଇ.ଏଫ୍.ଏସ୍., ଡିଏଫଓ, ପାରଳାଖେମୁଣ୍ଡିଙ୍କ ନେତୃତ୍ୱରେ, ଏସିଏଫ୍ ସାଇନ୍ ଶ୍ରୀ ଦାଶ, ଆରଓ ପିୟୁଷ ପଟ୍ଟନାୟକ ଓ ରାମଗିରି ରେଞ୍ଜର ଦିଗଭରସା ଷ୍ଟାଫ୍ ?ଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା. ଏହି କାର୍ଯ୍ୟକ୍ରମରେ ବି. ଆମ୍ବେଦକର କଲେଜ ଓ କଇଁପୁର ଗ୍ରାମ ବିକାଶ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ପ୍ରଫେସର, ମହେନ୍ଦ୍ରଗିରି ଇ.ଡି.ସି.ର ଅଧକ୍ଷ ଓ ଟ୍ରେଜରାର ସହିତ ସ୍ଥାନୀୟ ଲୋକଙ୍କ ଉତ୍ସାହପୂର୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ସମୁଦାୟର ଏକତାବଦ୍ଧ ଅଂଶଗ୍ରହଣ ପରିବେଶ ସୁରକ୍ଷା ଓ ଜୈବ ବିବିଧତା ସଂରକ୍ଷଣ ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା ଓଏହି ଆଲୋଚ୍ନା ଅଧିବେଶନ ଏକ ଜ୍ଞାନ ଅଦାନ ପ୍ରଦାନ, ସମୁଦାୟ ଗଠନ ଓ ପରିବେଶ ଶିକ୍ଷା ପାଇଁ ଏକ ସକ୍ରିୟ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା ଓ ପତ୍ରିକା ବଣ୍ଟନ ଓ କୁନ୍ତୀ, ଭୀମ, ଯୁଧିଷ୍ଠିର ଓ ଅର୍ଜୁନ ମନ୍ଦିର ପରିସରରେ ସ୍ୱଚ୍ଛତା ଅଭିଯାନ ସହିତ କ୍ଷେତ୍ର କାର୍ଯ୍ୟକଳାପ ସଂପନ୍ନ ହୋଇଥିଲା, ଯାହା ସ୍ଥାନୀୟ ଜୈବ ବିବିଧତା ପୁନର୍ବାସ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଓ ସମୁଦାୟ ଆଧାରିତ ସଂରକ୍ଷଣ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶା।ଏ ଓ ଏହି ପଦକ୍ଷେପ ମହେନ୍ଦ୍ରଗିରିର ସମୃଦ୍ଧ ଜୈବ ବିବିଧତା ଓ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ପାଇଁ ଆଉ ଏକ ଦୃଢ଼ ପାଇଲା ଏବଂ ସମୁଦାୟ ଆଧାରିତ ସଂରକ୍ଷଣ ଓ ଶସ୍ୟ ଉନ୍ନତି ପାଇଁ ଏକ ଅଗ୍ରଗତି ସୂଚକ ହେଲା ।

ଅପରେସନ ସିନ୍ଦୁର ଅପୂର୍ବ ସଫଳତା ପରେ ବଡଚଣାରେ ବିଶାଳ ତ୍ରିରଙ୍ଗା ଯାତ୍ରା

ଦର୍ପଣ,(ପି ଏମ): ପୁଲଆମା ଠାରେ ସାଧାରଣ ଲୋକଙ୍କ ଉପରେ ଆତଙ୍କବାଦୀଙ୍କ ଅକ୍ରମଣ ପରେ ଭାରତୀୟ ସୈନିକ ମାନଙ୍କ ପରାକ୍ରମ ସମଗ୍ର ବିଶ୍ୱ ଦେଖିଲା।ଆତଙ୍କବାଦୀଙ୍କ ଆଡା ମାଟିରେ ମିଶିବା ସହ ଅନେକ ଆତଙ୍କବାଦୀ ମୃତ୍ୟୁବରଣ କରିଥିଲେ।ଆମ ଦଶର ସେନାବାହିନୀର ମନୋବଳ ବୃଦ୍ଧି କରିବା ସହ ସମଗ୍ର ଦେଶବାସୀ ସେନାବାହିନୀର ନୈତିକ ମନୋବଳ ବୃଦ୍ଧି ପାଇଁ ଦେଶର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେଉଅଛି।ଏହି ପରିପ୍ରେକ୍ଷାରେ ବଡଚଣା ଭାଜପା ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରା ବଡଚଣା ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।ବଡଚଣା ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରୁ ବିଧାୟକ ଅମର କୁମାର ନାୟକ ତ୍ରିରଙ୍ଗା ଯାତ୍ରାକୁ ଆନୁଷ୍ଠାନିକ ଭାବେ ଉତ୍ତାଟନ କରିବା ପରେ ପ୍ରାୟ ୪ ହଜାର ଲୋକଙ୍କ ସହ ଛଅ କିଲୋମିଟର ପଦଯାତ୍ରା କରି ଚଣ୍ଡିଖୋଲ ଠାରେ ପହଞ୍ଚି ଥିଲେ।ଏହି ଶୋଭାଯାତ୍ରାରେ ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ଜେନା,ପ୍ରଭାରୀ ବନମାଳୀ ଯେନା,ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ମାନସ ରାଉତ ରାୟ,ବିଶ୍ୱଜିତ ସାମଲ, ମନୋଜ ପ୍ରଧାନ, ଅଶୋକ ସିଂ,ପୂର୍ବତନ ମଣ୍ଡଳ ସଭାପତି ବିକାଶ ମହାପାତ୍ର, ଲଲାଟେନ୍ଦୁ ମହାପାତ୍ର, ସୀତାନାଥ ବଳସାମନ୍ତ,ବେଣୁଧର ବିଶ୍ୱାଳ, ପ୍ରତାପ ଧଳ,ନିଳମଣୀ ରାଉତ,ଅଭୟ ତରାଇ,ଅମୀୟ ସାହାଣୀ,ରବିନ୍ଦ୍ର ରାଉତ, ଚିନ୍ମୟୀ ସାହୁ,ସୁପ୍ରଭାସୀନୀ ମଲିକ, ମାମାଲା ବ୍ରହ୍ମ, ଗାୟତ୍ରୀ ରାଉତ, ବିନୋଦିନ ଦାଶ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ମାନଗୋବିନ୍ଦ ରାଉତ,ନବୋଜ୍ୱତି ଜେନା,ବିକାଶ ଦାଶ,ବିଶ୍ୱଜିତ ସିଂ,ପ୍ରକାଶ ସାହୁ,ହରିଶଙ୍କର ପଣ୍ଡା ,ଦିପକ ସାମଲ ଓ ପ୍ରଶାନ୍ତ ଦାଶ ପ୍ରମୁଖ ସଞ୍ଚାଳନ କରିଥିଲେ।ଶୋଭାଯାତ୍ରା ଚଣ୍ଡିଖୋଲ ପହଞ୍ଚିବା ପରେ ଭାଜପା ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ, ସ୍ଥାନୀୟ ନାଏବ ସରପଞ୍ଚ ସୁଜିତ ଜେନା ,ପଞ୍ଚାୟତ ପ୍ରମୁଖ ଅଜୟ ଜେନା,କିସନ ଜେନା,ଅସିମୁଦ୍ଦିନ ଖାଁ,ୟାସିନି ଖାଁ,ଅଶୋକ ରଣା,ରବିନ୍ଦ୍ର ନାୟକ ପ୍ରମୁଖ ସ୍ୱାଗତ କରିଥିଲେ।

ସାଉନ୍ତେଶ୍ୱରୀ ଦେବୀ ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଲୋଇସିଂହା ନିର୍ବାଚନ ମଣ୍ଡଳୀ ପୁଇଁନ୍ତଲା ବ୍ଲକ ଅଧିନ ସାଉନ୍ତପୁର ଗାଁ ସ୍ଥିତ ସାଉନ୍ତେଶ୍ୱରୀ ଦେବୀ ମନ୍ଦିର ଉନ୍ନତିକରଣ ପାଇଁ ଆଜି ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଆଲୋଚ୍ନା କ୍ଷ ୭୨୩ ଖ୍ରୀଷ୍ଟାବ୍ଦ ରେ ମନ୍ଦିର ନିର୍ମାଣ ହୋଇଥିବା ବେଳେ ବହୁ ପୂର୍ବରୁ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା । ସେ ସମୟରେ ଖପର ଘରେ ମାଁ ସାଉନ୍ତେଶ୍ୱରୀ ଦେବୀ ପୂଜା ପାଉଥିଲେ ତଥା ପାର୍ଶ୍ୱ ଦେବା ଦେବୀ ପୂଜା ପାଉଛନ୍ତି । ୧୯୪୪ ମସିହା ପୁଣି ନୂତନ ଭାବରେ ମନ୍ଦିର ନିର୍ମାଣ ହୋଇଥିଲା । ବଲାଙ୍ଗିର ଦେବୋତ୍ତର ବିଭାଗରେ ଏହାର ରକ୍ଷଣାବିକ୍ଷଣ ଦାୟିତ୍ୱ ଥିବା ବେଳେ କେବଳ ଦଶହରାରେ କିଛି ଅର୍ଥ ପ୍ରଦାନ କରି ସୁରକ୍ଷା ଭୁଲି ଯାଇଛି । ଗତ ବର୍ଷ ରାଜ୍ୟ ସରକାର ମନ୍ଦିର ଉନ୍ନତିକରଣ ପାଇଁ ବିଭିନ୍ନ ମନ୍ଦିରକୁ ଅନୁଦାନ ପ୍ରଦାନ କରିଥିବା ବେଳେ ଏହି ଗ୍ରାମର ମନ୍ଦିର କୁ ଟଙ୍କାଟିଏ ବି ନ ଆସିବାରୁ ଆଜି ଗ୍ରାମବାସୀ ଦେବାଳୟ ସୁରକ୍ଷା କମିଟି ସହ ମନ୍ଦିର ସୁରକ୍ଷା ପାଇଁ ଆଲୋଚ୍ନା କରିଥିଲେ । ରୋଶେଇଶାଳ, ମନ୍ଦିର ସୌନ୍ଦର୍ଯ୍ୟକରଣ, ମାଁ ସାଉନ୍ତେଶ୍ୱରୀ ମନ୍ଦିର ଗର୍ଭଗୃହ ଫାଟ ତଥା ଚୂନ ଖସିଛି, ଯଜ୍ଞ ମଣ୍ଡପ, ମନ୍ଦିର ପରିସରରେ ଥିବା ପୁଷ୍କରିଣି ପୁର୍ନଉଦ୍ଧାର ସହ ଏହି ପୀଠ କୁ ସରକାର ଶୀଘ୍ର ପର୍ଯ୍ୟଟନ କ୍ଷେତ୍ର କରିବା ଦାବି କରି ୪ କୋଟି ଅନୁଦାନ ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ଓଡିଶା ସରକାରଙ୍କୁ ଦାବି ଜଣାଇଛନ୍ତି । ଆସନ୍ତା ସପ୍ତାହ ମଧ୍ୟରେ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରିବା ପାଇଁ ଆଜି ବୈଠକରେ ପ୍ରସ୍ତାବ ହୋଇଥିଲା । ଏହି ବୈଠକରେ ମନ୍ଦିରର ପୂଜକ ମାଣିକ୍ୟ ଥନାପତି, ସୁରେନ୍ଦ୍ର ଗଡୁଆ, ଫାଲଗୁନି ଭୋଇ, ଅକ୍ଷୟ ଚିରଗୁନ୍, ଶରତ ପଶାୟତ, ଗରିବ ସାହୁ, ସୁରେନ୍ଦ୍ର ପଧାନ, ହିରାଲାଲ ପଧାନ, ମଦନ ପ୍ରଧାନ, ଶୋଭାକର ଭୋଇ, ସୁବାଷ ପଧାନ, କ୍ଷମାନିଧି ବେହେରା, କାହ୍ନୁଚରଣ ପଧାନ ସମେତ ଦେବାଳୟ ସୁରକ୍ଷା କମିଟିର ଉପସଭାପତି ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

TUITION CLASSES
for Std I to Std V
Timing: 5 PM to 6.30 PM

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC
- Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray